بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସଂଖ୍ୟା 44

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

29 ଅକ୍ଟୋବର 2020 | 29 ଇଖା 1399 ହି.ଶ | 11 ରବିଉଲ୍ ଅୱ୍ୱଲ୍ 1442 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

وَاِذَا حُیِّیۡتُمۡ بِتَحِیَّۃٍ

فَحَیُّوۡا بِاَحۡسَنَ مِنۡہَاۤ اَوۡ رُدُّوۡہَا ؕ

اِنَّ اللّٰہَ کَانَ عَلٰی کُلِّ شَیۡءٍ حَسِیۡبًا

(النساء:87)

ଅନୁବାଦ- ଏବଂ ଯେତେବେଳେ କେହି ତୁମମାନଙ୍କର ଶୁଭ କାମନା କରେ (ସେତେବେଳେ) ତୁମେମାନେ ମଧ୍ୟ ତାହାକୁ ତା'ଠାରୁ ଉତ୍କୃଷ୍ଟ ଧରଣର ବା (ଅନ୍ତତଃ) ସେତିକି ଫେରାଇଦିଅ; ବାସ୍ତବରେ ଅଲ୍ଲାଃ ପ୍ରତ୍ୟେକ ବିଷୟର ହିସାବ ନେବେ । *(ନିସା: ୮୭)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥**

## ରିଜ୍‌କେ ଇବ୍‌ତିଲା ହେଉଛି ଏପରି ରିଜ୍‌କ୍ (ଜୀବିକା/ଅର୍ଥ) ଯାହା ମଣିଷକୁ ଈଶ୍ୱରଙ୍କଠାରୁ ଦୁରେଇ ଦେଇଥାଏ । ଏପିରି କି ତାକୁ ଧ୍ୱଂସ କରିଦିଏ ।

### ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

**ମଣିଷ ଯାହାର ଉପାସନା କରିଥାଏ, ତାହାର ପ୍ରଭାବ ତା ଆଧାତ୍ମିକତା ଉପରେ ପଡ଼ିଥାଏ**

ମଣିଷର ଆଧାତ୍ମିକତା ଉପରେ ତା'ର ପ୍ରଭୁଙ୍କ ପ୍ରଭାବ ପଡ଼ିଥାଏ । ଏହା ଲକ୍ଷ୍ୟ କରାଯାଇପାରେ ଯେ ଯେତେବେଳେ ଜଣେ ହିନ୍ଦୁ ମିଳିଥାଏ, ତାଙ୍କଠାରୁ ଦୂରରୁ ହିଁ ଅବହେଳା (ଅର୍ଥାତ ଈଶ୍ୱର ଉପାସନାର ଅବହେଳା) ପରିଲକ୍ଷିତ ହୋଇଥାଏ । କାହିଁକି ? ଏହାର କାରଣ ହେଉଛି ସେମାନଙ୍କର ଆତ୍ମ ଉଦ୍ଭାବିତ ଦେବାତ ମଧ୍ୟ ସେହିପରି ଅବହେଳା କରିଥାନ୍ତି ଯେ ଯେ ପର୍ଯ୍ୟନ୍ତ ଇଂଗ୍ରେଜ ଲୋକଙ୍କ ଖାଇବା ଘଂଟି ସଦୃଶ ଘଂଟି ନ ବାଜିଛି ସେ ପର୍ଯ୍ୟନ୍ତ ସେ ଜାଗ୍ରତ ହୋଇପାରିବେ ନାହିଁ । ଏହି କାରଣ ଯୋଗୁଁ ଆଧାତ୍ମିକ ଜୀବନରୁ ଯେଉଁ ଈଶ୍ୱରୀୟ ଜ୍ଞାନ ଓ ଆରୋଗ୍ୟ ପ୍ରାପ୍ତି ହୋଇଥାଏ, ସେମାନେ ସେଥିରୁ ବଂଚିତ ରହିଥାନ୍ତି ଅନ୍ୟଥା ବାସ୍ତୁବାଦୀ ଭାବରେ କହିବାକୁ ଗଲେ ଏହି ଲୋକମାନେ ବହୁତ ଧନୀ ଓ ଧନବାନ୍ ।

**ରିଜକେ ଇବ୍‌ତିଲା ଏବଂ ରିଜ୍‌କେ ଇସ୍‌ତିଫା ଅର୍ଥାତ- ଗୋଟିଏ ବ୍ୟବସ୍ଥା ପରୀକ୍ଷାରେ ପକାଇଥାଏ ଓ ଆଉ ଏକ ବ୍ୟବସ୍ଥା ହେଉଛି ଈଶ୍ୱରଙ୍କ ପାଇଁ ଜୀବିକା ଗ୍ରହଣ କରିବା**

ଅସଲ କଥା ହେଉଛି ଏହା କି ବ୍ୟବସ୍ଥା ହେଉଛି ଦୁଇ ପ୍ରକାରର । ଗୋଟିଏ ପରୀକ୍ଷଣ ଭାବରେ କାର୍ଯ୍ୟ କରେ ଅନ୍ୟଟି ଅଭିଷେକ ଦ୍ୱାରା । ଯିଏ ବ୍ୟବସ୍ଥାକୁ ପରୀକ୍ଷା ଦ୍ୱାରା ପ୍ରମାଣିତ କରିଥାଏ ତାହାର ସମ୍ବନ୍ଧ ଈଶ୍ୱରଙ୍କ ସହିତ ନଥାଏ । ପ୍ରକୃତରେ ଏହିପରି ଅବସ୍ଥା ମଣିଷକୁ ଈଶ୍ୱରଙ୍କଠାରୁ ଦୁରେଇ ନେଇଥାଏ ଏପରି କି ତାକୁ ସମ୍ପୁର୍ଣ୍ଣ ରୂପେ ନଷ୍ଟ କରିଦିଏ । ସେଥିଯୋଗୁଁ ସର୍ବଶକ୍ତିମାନ ଅଲ୍ଲାଃ ନିମ୍ନଲିଖିତ ଆୟତରେ କହିଲେ: **ଲା ତୁଲ୍‌ହିକୁମ୍ ଅମ୍‌ୱ୍ୱାଲୁକୁମ୍ (ଅଲ୍‌ମୁନାଫିକୁନା:୧୦)** ଅର୍ଥାତ ତୁମର ଧନ ଦଉଲତ ତୁମକୁ ନଷ୍ଟ ନ କରିଦେଉ ଏବଂ ରିଜ୍‌କେ ଇସ୍‌ତିଫା ହେଉଛି ତାହା ଯାହା ଅଲ୍ଲାଃଙ୍କ ପାଇଁ ଉତ୍ସର୍ଗୀକୃତ । ଏହିଭଳି ଲୋକମାନଙ୍କର ରକ୍ଷକ ଅଲ୍ଲାଃ ହୋଇଥାନ୍ତି । ଏହି ଲୋକମାନେ ସେମାନଙ୍କର ସମସ୍ତ ସମ୍ପତି ଈଶ୍ୱରଙ୍କର ବୋଲି ବିବେଚନା କରିଥାନ୍ତି ଓ ନିଜର କର୍ମରେ ଏହାକୁ ପ୍ରମାଣିତ କରି ଦେଖାଇଥାନ୍ତି । ସାହାବାମାନଙ୍କର ସ୍ଥିତିକୁ ବିଚାର କରି ଦେଖନ୍ତୁ! ଯେବେ ପରୀକ୍ଷାର ସମୟ ଆସିଛି, ସେତେବେଳେ ଯାହା ପାଖରେ ଯାହା ବି କିଛି ଥିଲା ତାହା ସବୁକୁ ଅଲ୍ଲାଃଙ୍କ ମାର୍ଗରେ ଅର୍ପଣ କରିଦେଇଥିଲେ । ହଜ୍‌ରତ୍ ଅବୁବକର ସିଦ୍ଦିକ୍ ର:ଅ ସର୍ବପ୍ରଥମେ ନିଜର ସବୁକିଛି ଦାନ କରିଦେଇ ଦାରିଦ୍ର୍ୟର ପୋଷାକ ପିନ୍ଧି ଛିଡ଼ା ହୋଇଗଲେ । କିନ୍ତୁ ଏହାର ପୁରସ୍କାର ଅଲ୍ଲାଃ ତାଙ୍କୁ କିପରି ଦେଲେ? ଅର୍ଥାତ ସେ ହିଁ ସର୍ବପ୍ରଥମ ଖଲିଫା ହେଲେ । ଅତଏବ ପ୍ରକୃତ ଯୋଗ୍ୟତା, ଉତମତା ଏବଂ ଆଧାତ୍ମିକ ଆନନ୍ଦର ଆଶିର୍ବାଦ ପ୍ରାପ୍ତ କରିବା ପାଇଁ ହେଲେ କେବଳ ସେହି ଧନ କାମରେ ଆସିପାରେ ଯାହାକୁ ଈଶ୍ୱରଙ୍କ ମାର୍ଗରେ ଖର୍ଚ୍ଚ କରାଯାଇଥାଏ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୯୪-୧୯୫ ପ୍ରକାଶନ୨୦୧୮ କାଦିୟାନ)*

## ନବୀ ସ:ଆ:ସଙ୍କ ବାଣୀ

✻ (୮୦୭) ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମାଲିକ୍ ର:ଅ ବହସିନାଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ ସ:ଆ:ସ ଯେବେ ନମାଜ ପଢ଼ନ୍ତି ସେ ତାଙ୍କର ଦୁଇ ହାତକୁ ଖୋଲା ରଖନ୍ତି ଏପରି କି ତାଙ୍କ କାଖର ଶୁଭ୍ରତା ନଜର ଆସୁଥାଏ ।

✻ (୮୨୨) ହଜ୍‌ରତ୍ ଅନସ୍ ବିନ୍ ମାଲିକ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ ସ:ଆ:ସ କହିଲେ: ସିଜ୍‌ଦାଃ କରିବା ସମୟରେ ମଧ୍ୟମ ମାର୍ଗକୁ ଆପଣାଅ ଏବଂ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ନିଜର ହାତକୁ ଭୂମି ଉପରେ ଏପରି ନ ବିଛାଉ ଯେପରି କୁକୁର ବିଛାଇଥାଏ ।

✻ (୮୨୯) ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ବହସିନା ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ ସ:ଆ:ସ ତାଙ୍କୁ ଜୋହର୍ ନମାଜ ପଢ଼ାଇଲେ । ଆପଣ ସ:ଆ:ସ ପ୍ରଥମ ଦୁଇ ରେକାତ୍ ପରେ ଛିଡ଼ା ହୋଇଗଲେ (କାଦାରେ) ବସିଲେ ନାହିଁ ତେଣୁ ଲୋକମାନେ ମଧ୍ୟ ଛିଡ଼ା ହୋଇଗଲେ । ଯେବେ ଆପଣ ସ:ଆ:ସ ନମାଜ ପଢ଼ାଇ ସାରିଲେ ଓ ଲୋକମାନେ ଆପଣଙ୍କ ସଲାମ୍ କରିବାକୁ ଅପେକ୍ଷା କରୁଥିଲେ ଯେ ଆପଣ ସ:ଆ:ସ ସେହି (କାଦାଃରେ) ବସିବା ଅବସ୍ଥାରେ "ଅଲ୍ଲାହୁ ଅକ୍‌ବର୍" କହିଲେ ଏବଂ ସଲାମ ଫେରାଇବା ପୂର୍ବରୁ ଦୁଇଟି ସିଜ୍‌ଦାଃ କଲେ । ତା'ପରେ ପୁଣି ସଲାମ ଫେରାଇଲେ ।

*(ସହି ବୁଖାରୀ, ଖଣ୍ଡ-୨, କିତାବୁଲ୍ ଅଜାନ୍.......୨୦୦୬)*

## ସମଗ୍ର ଜାତିର କ୍ୟାରେକ୍ଟର ଏପରି ହୋଇଯାଉ ଯେ, ଯେବେ କୌଣସି ବ୍ୟକ୍ତିର ମୃତ୍ୟୁ ହୁଏ ତେବେ ଏ ପ୍ରଶ୍ନ ନ ଉଠୁ କି କିଏ ତା' ସନ୍ତାନମାନଙ୍କର ଲାଳନପାଳନ କରିବ ।

ସୟଦନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ:

"ଅନାଥମାନଙ୍କର ଦେଖାଶୁଣା କରିବା ଏବଂ ବିଧବାମାନଙ୍କ ସହିତ ସଦ୍‌ବ୍ୟବହାର କରିବା ହେଉଛି ଏପରି ଦୁଇଟି ସୁଗୁଣ ଯାହା କୌମ୍ (ଜାତି) ମଧ୍ୟରେ ଆତ୍ମ ନିର୍ଭରଶୀଳ ଓ ସାହାସ ସୃଷ୍ଟି କରିଦିଏ । ଯଦି ଏହି ଜିନିଷ କୌଣସି କମ୍‌ରେ ନଥିବ ବରଂ ଏହାର ଓଲଟା ସେହି ଜାତିର ନମୁନା ଏପରି ଥିବ କି ସେ ଅନାଥମାନଙ୍କୁ ଆଶ୍ରା ତ ଦେଉଥିବେ କିନ୍ତୁ ଚାକର କରି ରଖିଥିବେ ବରଂ ଚାକରଠୁ ମଧ୍ୟ ଖରାପ ଅବସ୍ଥାରେ । ପୁଣି ଟିକିଏ ଟିକିଏ କଥାରେ ସେମାନଙ୍କୁ ମାରିବା ପିଟିବା ପାଇଁ ପ୍ରସ୍ତୁତ ହୋଇଯାଉଥିବେ । ତେବେ (ଚିନ୍ତା କରନ୍ତୁ) ଏମିତି କିଏ ଅଛି ଯିଏ ମରିବାକୁ ଚାହୁଁଥିବ । ପ୍ରତ୍ୟେକ ବ୍ୟକ୍ତି ଭୟ କରିବ, ପ୍ରତ୍ୟେକ ବ୍ୟକ୍ତି ଘାବରେଇବ ଓ ଏକଥା ଭାବିବ ଯେ ମୋ ମୃତ୍ୟୁରେ ମୋ ପିଲାମାନଙ୍କର ମୃତ୍ୟୁ, ମୋ ମୃତ୍ୟୁରେ ମୋ ପତ୍ନୀର ମଧ୍ୟ ମୃତ୍ୟୁ । ମୁଁ ମରିବି ତ କିପରି ? ଓ ଜୀବନ ଦେବି କାହିଁକି ? ତେଣୁ ଏହା ଜାରୁରୀ ଅଟେ ଯେ ଏ ଜାତିର ଗୋଟାପଣ ଏ କ୍ୟାରେକ୍‌ଟର ହୋଇଯାଉ କି ଯଦି କିଏ ମୃତ୍ୟୁବରଣ କରେ ତେବେ ଏ ପ୍ରଶ୍ନ ନ ଉଠୁ ଯେ କିଏ ତା ପିଲାମାନଙ୍କର ଲାଳନପାଳନ କରିବ ? ବରଂ ଲୋକମାନେ ଧାଇଁଯାଇ ତା ପିଲାମାନଙ୍କୁ କୁଣ୍ଢେଇ ପକାଇ ନିଜ ଘରକୁ ନେଇ ଆସନ୍ତୁ ଏବଂ ନିଜ ପିଲାଙ୍କ ପରି ବରଂ ନିଜ ପିଲାମାନଙ୍କଠାରୁ ବଳି ସେମାନଙ୍କ ସହିତ ପ୍ରେମ, ସ୍ନେହ, ଆଦର ଏବଂ ଦୟା ଆଚରଣ କରନ୍ତୁ ।

ରସୁଲେ କରିମ୍ ସ:ଆ:ସଙ୍କ ସମୟର ଗୋଟିଏ ଘଟଣା ଏପରି ଅଛି କି ଗୋଟିଏ ପିଲା ଅନାଥ ହୋଇଗଲା । ତା ପାଇଁ କିଛି ସାହାବାମାନଙ୍କ ମଧ୍ୟରେ କଳି ଝଗଡ଼ା ଆରମ୍ଭ ହୋଇଗଲା ଯେ କିଏ କହୁଛି ମୁଁ ତା'ର ଲାଳନ ପାଳନ କରିବି ତ ଆଉ କିଏ କହୁଛି ମୁଁ । ଶେଷରେ ରସୁଲେ୍ କରିମ୍ ସ:ଆ:ସଙ୍କ ନିକଟରେ ଏ ମାମଲା ପହଂଚିଲା । ଆପଣ ସ:ଆ:ସ କହିଲେ ପିଲାଟିକୁ ସାମନାକୁ ଆଣ ଏବଂ ସେ ଯାହାଙ୍କ ନିକଟରେ ରହିବାପାଇଁ ପସନ୍ଦ କରିବ ତାଙ୍କୁ ହିଁ ଦେଇ ଦିଅନ୍ତୁ । କିନ୍ତୁ ଏ ଯୁଗର ପରିସ୍ଥିତି ଏମିତି ହୋଇଯାଇଛି ଯେ ଯଦି କାହାର ମୃତ୍ୟୁ ସମୟ ଆସିଯାଉଛି, ସେ ତା ଜୀବନର ଶେଷ ମୂହୁର୍ତରେ ମଧ୍ୟ ଏ ଚିନ୍ତା କରୁଛି ଯେ ମୋ ପରେ ମୋ ସ୍ତ୍ରୀ ପିଲାଙ୍କର କଣ ହେବ ? କିଏ ସେମାନଙ୍କୁ ପାଳିବ ? କିଏ ସେମାନଙ୍କର ଦେଖାଶୁଣା କରିବ ? କିଏ ସେମାନଙ୍କୁ ସ୍ନେହ, ଆଦର କରିବ ? ପୁଣି ସେ ଯେତେବେଳେ ମରିଯାଉଛି ଓ ତା ପିଲାମାନଙ୍କ ଲାଳନପାଳନ କରିବା କଥା ଉଠୁଛି ସେତେବେଳେ ଜଣେ କହୁଛି କି ମୋ ମନ ତ ଚାହୁଁଛି ଯେ ପିଲାଟିକୁ ନେଇଯାଏ କିନ୍ତୁ କଣ କରିବି ମୋ ଉପରେ ବହୁତ ବୋଝ ଅଛି । ଆଉ ଜଣେ କହୁଛି ମୋର ମଧ୍ୟ ଏହି ଇଚ୍ଛା ଥିଲା, କିନ୍ତୁ ମୁଁ ବହୁତ ଅସୁବିଧାରେ ଅଛି । ତୃତୀୟ ଲୋକ ଜଣକ କହୁଛି ଯେ ମୁଁ ମଧ୍ୟ ଏହି

ପୂଣ୍ୟକର୍ମ କରିବାକୁ ଇଚ୍ଛା ରଖିଥିଲି କିନ୍ତୁ କଣ କରିବି ମୁଁ ବିବଶ । ଏହିପରି ଜଣ ଜଣ କରି ପ୍ରତ୍ୟେକ ବ୍ୟକ୍ତି ଏହି ଦାୟିତ୍ୱକୁ ମୁଣ୍ଡାଇବା ପରିବର୍ତେ, ଏଥିରୁ ଖସିଯିବାପାଇଁ ଚେଷ୍ଟା କରୁଛନ୍ତି । କିନ୍ତୁ ସାହାବାମାନଙ୍କ ମଧ୍ୟରେ ଏକଥା ନଥିଲା । ସେମାନେ ପଛଘୁଂଚା ଦେଉନଥିଲେ ବରଂ ଖୁସିରେ ଏହି ପୂଣ୍ୟକୁ ପ୍ରାପ୍ତ କରିବାପାଇଁ ଚେଷ୍ଟା କରୁଥିଲେ । ଯେତେବେଳେ କୌଣସି ଜାତି ମଧ୍ୟରେ ଏ ମନୋଭାବ ଜାଗ୍ରତ ହୋଇଯାଏ ଯେ ସେମାନେ ଅନାଥ, ବିଧବା ଏବଂ ନିରାଶ୍ରୟ ଲୋକମାନଙ୍କର ଦେଖାଶୁଣା କରିବାକୁ ଲାଗିଯିବେ, ସେମାନଙ୍କର ସମ୍ମାନ କରିବା ଜାତିର ପ୍ରତ୍ୟେକ ସଦସ୍ୟଙ୍କ ମନରେ ସୃଷ୍ଟି ହୋଇଯିବ ସେମାନଙ୍କୁ ଲାଳନପାଳନ କରିବାରେ ଶାନ୍ତି ଓ ଆତ୍ମ ସନ୍ତୋଷ ଲାଭ କରୁଥିବେ ଏବଂ ସେମାନେ ଅନାଥମାନଙ୍କୁ ନିଜ ପିଲାମାନଙ୍କ ପରି ଜାଣୁଥିବେ ସେତେବେଳେ ସେ ଜାତି ବିଶ୍ୱାସ ନ ଆଣି ମଧ୍ୟ ବାହାଦୁର ହୋଇଯାଇଥାଏ । ଯଦି ତା ସହିତ କାହାକୁ ମୃତ୍ୟୁପରେ ଜୀବନ ପାଇବାର ବିଶ୍ୱାସ ମଧ୍ୟ ଥାଏ ଓ ଜୀବନ୍ତ ଈଶ୍ୱରଙ୍କ ଉପରେ ଭରଷା ମଧ୍ୟ ଥାଏ ତେବେ ପୁଣି ଏହି ଦୁଇଟି ଜିନିଷ ମିଶି ତା ହୃଦୟକୁ ଏପରି ମଜ୍‌ଭୁତ୍ କରିଦିଏ ଯେ ମୃତ୍ୟୁର ଭୟ ତା ପାଖକୁ ମଧ୍ୟ ମାଡ଼େନାହିଁ । ୟୁରୋପିୟ ଜାତି ମଧ୍ୟରେ ଯଦି ଆମକୁ ଏମିତି ସାହାସ ଦେଖିବାକୁ ମିଳୁଛି, ତେବେ ତା'ର ଗୋଟିଏ କାରଣ ହେଉଛି ଏହା କି ଯୁବକମାନଙ୍କ ମଧ୍ୟରେ ଏ ଭାବନା ମିଳୁଛି ଯେ ଯଦି ଆମେ ମରିଯିବୁ ତେବେ ଆମ ଜାତି ଅନାଥ ଓ ବିଧବାମାନଙ୍କର ଲାଳନ ପାଳନ କରିନେବେ । ଏହି କାରଣ ଯୋଗୁଁ ମରୁଥିବା ବ୍ୟକ୍ତି ତା ମୃତ୍ୟୁ ପାଇଁ ତିଳେମାତ୍ର ଭୟ କରୁନାହିଁ । ସେ ଯାଇଥାଏ ଓ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଥାଏ । ଇମାନ୍ ହେଉଛି ଅଲଗା ବିଷୟ । ତାହା ଅଧକାଂଶ ସେହି ଲୋକମାନଙ୍କ ଭାଗ୍ୟରେ ଥାଏ ଯାହାଙ୍କୁ ଅଲ୍ଲାଃଙ୍କ ନବୀ (ଦୂତ)ଙ୍କ ଉପରେ ତାଜା ତାଜା ବିଶ୍ୱାସ ଆଣିବାକୁ ସୁଯୋଗ ମିଳିଥାଏ । କିନ୍ତୁ ଜାତୀୟ ଚରିତ୍ର ଏପରି ମଜ୍‌ଭୁତ ଇମାନ୍ ବିନା ମଧ୍ୟ ଜାତିର ସଦସ୍ୟମାନଙ୍କୁ ବାହାଦୁର୍ ଓ ନିର୍ଭୟ ବନାଇଦିଏ ।

***(ତଫ୍‌ସିର୍ କବିର୍, ଖଣ୍ଡ-୨, ପୃ-୪୯୭-୪୯୮......୨୦୧୦)***

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ପଦକ୍ଷେପକୁ ଇସ୍‌ଲାମ୍ ନାଁରେ କରିବାକୁ ଉଚିତ ମଣୁଛନ୍ତି କିନ୍ତୁ ପ୍ରକୃତ କଥା ହେଉଛି ଏହା ଯେ, ସେମାନେ କେବଳ ହିଁ କେବଳ ପବିତ୍ର କୋରାନ୍ ଏବଂ ଇସ୍‌ଲାମ୍‌ର ପ୍ରତିଷ୍ଠାତା ନବୀ ସ:ଆ:ସ ପବିତ୍ର ଓ ଶାନ୍ତି ପ୍ରୀୟ ଶିକ୍ଷାକୁ ବଦନାମ କରୁଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ପବିତ୍ର କୋରାନ୍‌ର ଫର୍ଦ୍ଦ ଫର୍ଦ୍ଦରେ ଏହି ସୁନ୍ଦର ଶିକ୍ଷାରେ ପରିପୂର୍ଣ୍ଣ ମୁସଲମାନମାନଙ୍କୁ ଉଚିତ ଯେ, ସେହି ଶିକ୍ଷା ମୁତାବକ ଦୁନିଆରେ ଶାନ୍ତି ପ୍ରତିଷ୍ଠା କରିବାପାଇଁ କୌଣସି ଅବସରକୁ ମଧ୍ୟ ହାତ ଛଡ଼ା ନ କରନ୍ତୁ । ଉଦାହରଣ ସ୍ୱରୁପ ପବିତ୍ର କୋରାନ୍‌ର ସୁରାଃ ଜୁଖ୍‌ରୁଫ୍‌ର ଆୟତ ନଂ ୮୯ ଏବଂ ୯୦ ରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦରଦ ଭରା ଓ ବ୍ୟାକୁଳ ପ୍ରାର୍ଥନାର ଚର୍ଚ୍ଚା କରାଯାଇଅଛି । ସେଥିରେ ଆଁ ହଜ୍‌ରତ୍ ସ:ଆ:ସ ଈଶ୍ୱରଙ୍କ ନିକଟରେ ଏ ନିବେଦନ କରୁଛନ୍ତି ଯେ, ସେ ଯେଉଁ ପ୍ରେମ ପୂର୍ଣ୍ଣ ସଚ୍ଚା ଶିକ୍ଷାକୁ ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପନ କରୁଛନ୍ତି ଲୋକମାନେ ତାହାକୁ ଅସ୍ୱୀକାର କରୁଛନ୍ତି ତେଣୁ ଏହି ପ୍ରାର୍ଥନାର ଉତରରେ ଅଲ୍ଲାଃ ତାଲା ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଏ ତାଗିଦ୍ ନିର୍ଦ୍ଦେଶ ଦେଇଛନ୍ତି ଯେ, ଲୋକମାନଙ୍କୁ କ୍ଷମା କରିଚାଲ ଓ ଶାନ୍ତିର ବାର୍ତାକୁ ପ୍ରଚାର ପ୍ରସାର କରିଚାଲ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: "ଅମନ୍" ଶବ୍ଦର ଅର୍ଥ ହେଉଛି ଏହା କି ବିଶ୍ୱାସ ଆଣିବା ଓ ଶାନ୍ତି ପ୍ରଚାର କରିବା । ଏହି ଦୃଷ୍ଟିକୋଣରୁ ଅଲ୍ଲାଃ ତାଲା ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଇସ୍‌ଲାମ୍‌ର ବାର୍ତା ପହଂଚାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଓ ବାକି ମାମଲାକୁ ଅଲ୍ଲାଃ ତାଲାଙ୍କ ଉପରେ ଛାଡ଼ିଦେବାପାଇଁ ତାଗିଦ୍ କରିଛନ୍ତି ଏବଂ ଯେଉଁ ଲୋକମାନେ ଏହି ଶାନ୍ତି ପ୍ରୀୟ ବାର୍ତାକୁ ରଦ୍ଦ କରିଦେଲେ ସେମାନଙ୍କୁ ଅହରହ ଶାନ୍ତି ପହଂଚାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପବିତ୍ର କୋରାନ୍‌ର କୌଣସି ଗୋଟିଏ ସ୍ଥାନରେ ମଧ୍ୟ ଏ ଶିକ୍ଷା ଦିଆଯାଇନାହିଁ ଯେ, ଯେଉଁମାନେ ଅସ୍ୱୀକାର କରିଲେ ସେମାନଙ୍କ ବିରୋଧରେ ଶକ୍ତି ପ୍ରୟୋଗ କରାଯାଉ ବରଂ ଏହାର ଓଲଟା ମୁସଲମାନମାନଙ୍କୁ ଧୈର୍ଯ୍ୟ ଓ ବରଦାସ୍ତ କରିବାପାଇଁ ଉପଦେଶ ଦିଆଯାଇଅଛି । ଅତଏବ ଆଜିକାଲିର ଯେଉଁ ତଥାକଥିତ ମୁସଲମାନ ନେତାମାନେ ଅଛନ୍ତି ବା ମୁସଲମାନ ରାଷ୍ଟ୍ରଗୁଡ଼ିକ ଅଛନ୍ତି ଯେଉଁମନେ ଚରମପନ୍ଥୀ କାର୍ଯ୍ୟକଳାପ ଏବଂ ପାଗଳାମିର ପ୍ରଦର୍ଶନ କରୁଛନ୍ତି, ଏହାର ଦୋଷ ତାଙ୍କ ନିଜ କାନ୍ଧ ଉପରେ ରହିଛି । ସେମାନଙ୍କର କପଟି କାର୍ଯ୍ୟକଳାପ ଓ ଧୋକଧଡ଼ି ଘୃଣ୍ୟ କାର୍ଯ୍ୟ ଯୋଗୁଁ ଏ ପୃଥିବୀର ଶାନ୍ତି ଓ ଭାଇଚାରା ଧ୍ୱଂସ ହେଉଅଛି । ଏହାକୁ କୌଣସି କ୍ଷେତ୍ରରେ ମଧ୍ୟ ଅନୁମତି ଦିଆନଯାଇପାରେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଏ ସମ୍ବନ୍ଧରେ ଇସ୍‌ଲାମୀୟ ଶିକ୍ଷା ଏହା ରହିଛି ଯେ, କାହାର ଜୋରଜବରଦସ୍ତି ଧର୍ମ ପରିବର୍ତନ କରିବା ଓ କାହା ଉପରେ ଅତ୍ୟାଚାରକରି ବିଜୟ ପ୍ରାପ୍ତ କରିବା ଭିଷଣରୂପେ ମନା ଅଛି ବରଂ ଶାନ୍ତି ସ୍ଥାପନ ପାଇଁ ଓ ସମାଜର ସୁରକ୍ଷା ପାଇଁ ମଧ୍ୟ କୌଣସି ପ୍ରକାରର ଅତ୍ୟାଚାର ମୂଳକ ପଦକ୍ଷେପ ନେବା ମଧ୍ୟ ମନା ଅଛି । ରସୁଲେ କରିମ୍ ସ:ଆ:ସ ପ୍ରତିକ୍ଷେତ୍ରରେ ନମ୍ରତା ପ୍ରଦର୍ଶନ କରିଛନ୍ତି ସେ ଏ ଶିକ୍ଷା ଦେଇଛନ୍ତି ଯେ, ସଚ୍ଚା ମୁସଲମାନ ହେଉଛି ସେ ଯାହାର ମୁହଁ ଓ ହାତ ଦ୍ୱାରା ଅନ୍ୟମାନେ ସୁରକ୍ଷିତ ରହୁଥିବେ । ରସୁଲେ କରିମ୍ ସ:ଆ:ସ ଏଠାରେ ଏ ଫରକ୍ କରିନାହାନ୍ତି ଯେ, ମୁସଲମାନମାନେ କେବଳ ମୁସଲମାନମାନଙ୍କ ସହିତ ସହାନୁଭୁତି ଓ ଦୟା ଆଚରଣ କରନ୍ତୁ । ବରଂ ସ୍ୱଷ୍ଟଭାବେ ଏ ନିର୍ଦ୍ଦେଶ ଦେଇଛନ୍ତି ଯେ, ଧର୍ମ ଓ ଆସ୍ଥାର ମତଭେଦଠାରୁ ଉର୍ଦ୍ଧରେ ରହି ସମାଜର ସମସ୍ତ ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବା ଉଚିତ । ତେଣୁ ଯାଇ ଚରମପନ୍ଥୀ ଗୋଷ୍ଠୀ ନାଇଟ୍‌କ୍ଲବ୍, କନ୍‌ସର୍ଟ ହଲ ଏବଂ ଷ୍ଟାଡ଼ିୟମ ଉପରେ ଆତ୍ମଘାତି ଆକ୍ରମଣ କରୁଛନ୍ତି ତଥା ପାଗଳଙ୍କ ପରି ଜନସାଧାରଣଙ୍କ ଉପରେ ଗାଡ଼ି ଚଢ଼ାଇ ଦେଉଛନ୍ତି ସେମାନେ ଅତ୍ୟନ୍ତ ପାଶବିକ ଓ ଅତ୍ୟାଚାରି ଭାବେ ଇସ୍‌ଲାମୀୟ ଶିକ୍ଷାକୁ ବିରୋଧ କରୁଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ପବିତ୍ର କୋରାନ୍ ମଣିଷର ବୁନିୟାଦି ଅଧିକାର ରୂପେ ଧର୍ମୀୟ ସ୍ୱାଧିନତା ବ୍ୟତିତ ଆହୁରି ମଧ୍ୟ ବହୁତ ଦୌନନ୍ଦିନ ଜୀବନର ନିୟମ ଶିଖାଇଛନ୍ତି ଯାହା ଜରିଆରେ ଲୋକମାନେ ବିନା କୌଣସି ଜାତି, ଧର୍ମକୁ ଆଖି ଆଗରେ ରଖି ମିଳିମିଶି ଶାନ୍ତିରେ ଜୀବନ ଯାପନ କରିପାରିବେ । ଉଦାହରଣ ସ୍ୱରୁପ ସୁରତୁଲ୍ ବକ୍‌ରାର ଆୟତ ନଂ ୧୮୯ରେ ପବିତ୍ର କୋରାନ୍ ନ୍ୟାୟ ଉପରେ ପର୍ଯ୍ୟବେଶିତ ବାଣିଜ୍ୟ ସମ୍ବନ୍ଧରେ ବର୍ଣ୍ଣନା କରିଛି ଏବଂ ଅର୍ଥ ନେଣଦେନ କରିବାରେ ସଚ୍ଚୋଟ ନିତିକୁ ଅବଲମ୍ବନ କରିବାପାଇଁ ନିଶ୍ଚିତ କରାଇଛି । ଏହି ଆୟତରେ ଅଲ୍ଲାଃ ତାଲା ମୁସଲମାନମାନଙ୍କୁ ଉପଦେଶ ଦେଇଛନ୍ତି ଯେ, ସେମାନେ କେବେବି ଅନ୍ୟକୁ ଧୋକା ଦେଇ ଧନ ହାସଲ କରିବା ଉଚିତ ନୁହେଁ । ବରଂ ମୁସଲମାନମାନଙ୍କୁ ଇମାନ୍‌ଦାର୍ ଓ ଭରଷା ଯୋଗ୍ୟ ହେବାପାଇଁ ଶିକ୍ଷା ଦିଆଯାଇଅଛି । ଯଦ୍ୱାରା ବିଭିନ୍ନ ଲୋକମାନଙ୍କ ମଧ୍ୟରେ ଶତୃତା ଓ କପଟଭାବ ସୃଷ୍ଟି ନ ହେଉ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଇସ୍‌ଲାମ୍ ଏ ଶିକ୍ଷା ଦେଇଛି ଯେ ଅନ୍ୟାୟ ଅନିତିମୂଳକ ବାଣିଜ୍ୟ ବେପାର ଓ ଅର୍ଥ ହେରଫେର ସମାଜରେ ଏକାତକୁ ଦୃବଳ କରିଦିଏ ଏବଂ ସାମାଜିକ ଶାନ୍ତିକୁ ନଷ୍ଟ କରିଦିଏ । ଯେଉଁଠି ଦୁନିଆରେ ବ୍ୟକ୍ତିଗତ ଓ ସାମୁହିକ ସ୍ତରରେ ସ୍ୱାର୍ଥପରତା ଓ ଲୋଭ ଯୋଗୁଁ ଏତେ ଅସ୍ଥିରତା ଓ ଦୁଃଖ ଲାଗି ରହିଛି ସେଠି ସମାଜରେ ଶାନ୍ତି ସ୍ଥାପନ ପାଇଁ ନ୍ୟାୟ ଏବଂ ସମାନତାର ସିଦ୍ଧାନ୍ତ ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଥାଏ । ପୁଣି ସୁରଃ ଅଲ୍‌ମୁତଫ୍‌ଫିଫିନ୍‌ର ଆୟତ ନଂ ୨-୪ରେ ବର୍ଣ୍ଣନା ରହିଛି ଯେ: କ୍ରୟବିକ୍ରୟ ବେଳେ ଓଜନ କମ୍ କରୁଥିବା ଲୋକମାନଙ୍କ ସକାଶେ ଶାସ୍ତି ରହିଅଛି । ଅର୍ଥାତ ଯେଉଁମାନେ ଅନ୍ୟମାନଙ୍କଠାରୁ ଓଜନ କରି ନେବା ବେଳେ ସମ୍ପୁର୍ଣ୍ଣ ପରିମାଣରେ ନେଇଥାନ୍ତି ଅଥଚ ସେମାନେ ଅନ୍ୟମାନଙ୍କୁ କୌଣସି ଦ୍ରବ୍ୟ ଓଜନ କରି ନେବା ବେଳେ, ଓଜନରେ କମ୍ କରିଥାନ୍ତି'' । ଏହି ଆୟତରୁ ଏହା ପ୍ରମାଣିତ ହେଉଅଛି ଯେ ଯେଉଁଲୋକମାନେ ବାଣିଜ୍ୟ କାରବାରରେ ଦେଶ ଦେଶରେ ପୂନଲାଭ କରିଥାନ୍ତି ଓ ଅନ୍ୟମାନଙ୍କୁ କମ୍ ଦେଇଥାନ୍ତି ଯେବେ କି ପ୍ରତିବଦଳରେ ନିଜର ପ୍ରାପ୍ତିଠାରୁ ଅଧିକା ଡ଼ିମାଣ୍ଡ କରିଥାନ୍ତି ଏବଂ ଧୋକା ଦେଇଥାନ୍ତି, ସେମାନଙ୍କ ଉପରେ ଅଭିଷାପ ପ୍ରେରଣ କରାଯାଇଅଛି ଏବଂ ସେମାନଙ୍କ ଗଣନା ତିରସ୍କୃତ ଏବଂ ଅପମାନିତ ଲୋକମାନଙ୍କ ମଧ୍ୟରେ କରାଯିବ ।

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ତୁମେ ବିଲାଲଙ୍କ ଅଜାନ୍ ଶୁଣି ହସୁଛ ! ବାସ୍ତବରେ ଯେ ଯେତେବେଳେ ଅଜାନ୍ ଦେଉଛନ୍ତି ସେତେବେଳେ ଅଲ୍ଲାଃ ତାଲା ସ୍ୱର୍ଗରେ ଖୁସି ହେଉଛନ୍ତି ।

---

ରସୁଲୁଲ୍ଲାଃ ସ:ଆ:ସ କହିଲେ ବିଲାଲ କେଡ଼େ ଭଲ ଲୋକ, ସେ ହେଉଛନ୍ତି ସମସ୍ତ ମୋଅଜ୍ଜିନ୍ (ଅଜାନ୍ ଦେବାବାଲା)ମାନଙ୍କର ସର୍ଦ୍ଦାର୍ । ତାଙ୍କୁ କେବଳ ମୋଅଜ୍ଜିନ୍‌ମାନେ ହିଁ ଅନୁସରଣ କରିବେ ଏବଂ କୟାମତ ଦିନ ମୋଅଜ୍ଜିନ୍‌ମାନଙ୍କର ସମସ୍ତଙ୍କ ସମସ୍ତଙ୍କ ଅପେକ୍ଷା ଲମ୍ବା ବେକ ଥିବ ।

---

ରସୁଲୁଲ୍ଲାଃ ସ:ଆ:ସ କହିଲେ: ତିନିଜଣ ଲୋକଙ୍କ ସହିତ ମିଶିବା ପାଇଁ ବୈକୁଣ୍ଠ ବହୁତ ଆତୁର । ଅଲି ର:ଅ, ଅମ୍ମାର୍ ର:ଅ ଏବଂ ବିଲାଲ୍ ର:ଅ ।

---

ରସୁଲୁଲ୍ଲାଃ ସ:ଆ:ସ କହିଲେ: ଯେବେ ମତେ ରାତ୍ରି କାଳରେ ବୈକୁଣ୍ଠ ଆଡ଼କୁ ନେଇ ନିଆଗଲା, ସେଠାରେ ମୁଁ ପାଦର ଶବ୍ଦ ଶୁଣିବାକୁ ପାଇଲି । ମୁଁ କହିଲି ହେ ଜିବ୍‌ରାଇଲ୍ ଆ:ସ ! ଏହି ପାଦ ଚାଲୁଥିବାର ଶବ୍ଦ କଣ ? ଜିବ୍ରାଇଲ୍ କହିଲେ ଇଏ ହେଉଛନ୍ତି ବିଲାଲ୍ ର:ଅ ।

---

ରସୁଲୁଲ୍ଲାଃ ସ:ଆ:ସ କହିଲେ: ବିଲାଲ୍ ହେଉଛନ୍ତି କେଡ଼େ ଭଲ ବ୍ୟକ୍ତି ଯେ ସେ ଶହୀଦ ଓ ମୋଅଜ୍ଜିନ୍‌ମାନଙ୍କର ସର୍ଦ୍ଦାର୍ ଅଟନ୍ତି ।

---

କେଡ଼େ ଉଚ୍ଚସ୍ତର ହେଉଛି ବିଲାଲ୍ ର:ଅଙ୍କର ଗୋଟିଏ ସମୟ ଥିଲା ଯାହାଙ୍କୁ ତୁଚ୍ଛ ମଣାଯାଇ ପଥର ଉପରେ ଘୋଷଡ଼ା ହେଉଥିଲଶ । ଏହା ଦେଖି ହଜ୍‌ରତ୍ ଅବୁବକର୍ ର:ଅଙ୍କର ଏ ଇଚ୍ଛା ହେଉଥାଏ ଯେ କାଳେ ମୁଁ ବିଲାଲ୍ ହୋଇଥାନ୍ତି ।

---

ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେ ବିଲାଲ୍ ର:ଅଙ୍କ ଉଦାହରଣ ମହୁମାଛି ସଦୃଶ, ଯିଏ ମିଠା ଫୁଲ ଏବଂ ପିତା ଫୁଲରୁ ମଧ୍ୟ ରସ ଶୋଷିଥାଏ କିନ୍ତୁ ଯେବେ ମହୁ ତିଆରି ହୁଏ ତାହା ସମ୍ପୂର୍ଣ୍ଣ ମିଠା ହୋଇଥାଏ ।

---

ଇଏ ଥିଲେ ଆମର ସୟଦନା ବିଲାଲ୍ ର:ଅ ଯିଏ ନିଜ ଆକା ଓ ମୁନୀବଙ୍କ ସହିତ ପ୍ରେମ କରିବାରେ ଓ ଅଲ୍ଲାଃଙ୍କ ଏକେଶ୍ୱରବାଦକୁ ନିଜ ହୃଦୟ ଭିତରେ ସ୍ଥାପନ କରିବାରେ ଏବଂ ପୁଣି ତାହାକୁ କର୍ମରେ ପ୍ରକାଶ କରି ଦେଖାଇବାର ଆଦର୍ଶ ସ୍ଥାପନ କରିଛନ୍ତି । ଯାହା ଆମମାନଙ୍କ ପାଇଁ ଅନୁକରଣୀୟ ଓ ଆମ ପାଇଁ ଏକ ପବିତ୍ର ଆଦର୍ଶ ।

**ରସୁଲୁଲ୍ଲାଃ ସ:ଆ:ସଙ୍କ ମୋଅଜ୍ଜିନ୍, ହବ୍‌ଶର ପ୍ରଥମ ମୁସଲମାନ, ବୈକୁଣ୍ଠବାସୀଙ୍କ ମଧ୍ୟରେ ସାମିଲ ଥିବା ମହାନ୍ ପଦମର୍ଯ୍ୟାଦା ସମ୍ପନ୍ନ ବଦ୍‌ରି ସାହାବି ହଜ୍‌ରତ୍ ବିଲାଲ୍ ବିନ୍ ରବାହ୍ ର:ଅଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ।**

ପାଂଚଜଣ ମରହୁମୀନ୍ (ମୃତକ) ମୌଲାନା ତାଲିବ୍ ୟାକୁବ୍ ସାହେବ୍ ମୁବଲ୍ଲିଗ୍ ସିଲ୍‌ସିଲା ତ୍ରିନିବାଦ୍ ଟୋବାଗୋ, ମୋକରମ୍ ଇଞ୍ଜିନିୟର ଇଫ୍‌ତିଖାର୍ ଅଲୀ କୁରେଶି ସାହେବ୍ ପୂର୍ବତନ ୱକିଲୁଲ୍ ମାଲ୍ ସାଲିସ୍ ରବ୍‌ୱା, ନାଏବ୍ ସଦର୍ ମଜ୍‌ଲିସ୍ ତହ୍‌ରିକ୍-ଏ-ଜଦିଦ୍, ମୋହତରମା ରଜିୟର ସୁଲ୍‌ତାନା ସାହିବା ପତ୍ନୀ ହକିମ୍ ଖୁରଶିଦ୍ ଅହ୍‌ମଦ୍ ସାହେବ୍ ପୂର୍ବତନ ସଦର୍ ଉମୁମି ରବ୍‌ୱା, ମୋକରମ୍ ମୁହମ୍ମଦ ତାହେର୍ ଅହେମଦ୍ ସାହେବ୍ ନାଏବ୍ ନାଜିର୍ ବଇତୁଲ୍ ମାଲ୍ କାଦିଆନ ଏବଂ ଅଜିଜମ୍ ଅକିଲ୍ ଅହେମଦ୍ ସୁପୁତ୍ର ମିର୍ଜା ଖଲିଲ୍ ଅହେମଦ୍ ବେଗ୍ ସାହେବ୍ ଶିକ୍ଷକ ଯାମିଆ ଅହେମଦୀୟା ଘାନାଙ୍କ ସୁଗୁଣର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୨୫ ସେପ୍ଟେମ୍ବର ୨୦୨୦ ଅନୁଯାୟୀ ୨୫ ତବୁକ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ

اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -

اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -

اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ହଜ୍‌ରତ୍ ବିଲାଲ୍ ର:ଅଙ୍କର ଜୀବନୀ ଚର୍ଚ୍ଚା ଚାଲିଥିଲା ଏହି ପରିପ୍ରେକ୍ଷୀରେ ଗୋଟିଏ ବର୍ଣ୍ଣନାରେ ଅବ୍‌ଦୁଲା ବିନ୍ ବୁରୈଦାଃ ନିଜ ପିତାଙ୍କଠାରୁ ବର୍ଣ୍ଣନା କରନ୍ତି, ଦିନେ ପ୍ରାତଃ ସମୟରେ ହଜୁର ସ:ଆ:ସ ହଜ୍‌ରତ୍ ବିଲାଲ୍ ର:ଅଙ୍କୁ ଡ଼କାଇ ପଠାଇଲେ ଏବଂ ପଚାରିଲେ ହେ ବିଲାଲ୍ ତୁମେ ଏଭଳି କଣ କର୍ମ କରୁଛ ଯଦ୍ୱାରା ମୁଁ ତୁମକୁ ବୈକୁଣ୍ଠରେ ନିଜ ଆଗରେ ଦେଖୁଅଛି । ଗତ ସନ୍ଧ୍ୟାରେ ମୁଁ ବୈକୁଣ୍ଠରେ ପ୍ରବେଶ କରି ଦେଖିଲି ଯେ ତୁମେ ମୋ ଆଗେ ଆଗେ ଚାଲୁଛ, ହଜ୍‌ରତ୍ ବିଲାଲ୍ ର:ଅ ଉତର ଦେଲେ ମୁଁ ଯେତେବେଳେ ଅଜାନ୍ ଦିଏ ସେତେବେଳେ ଦୁଇ ରେକାତ୍ ନଓ୍ୱାଫିଲ୍ ପାଠ କରିନେଇଥାଏ ଏବଂ ଯେତେବେଳେ ମୋର ଓ୍ୱଜୁ ଭଙ୍ଗ ହୋଇଥାଏ ସେତେବେଳେ ପୁନଃ ଓ୍ୱଜୁ କରିନିଏ ଏବଂ ମନେ କରିଥାଏ ବର୍ତମାନ ଦୁଇ ରେକତା ନଓ୍ୱାଫିଲ୍ ପାଠ କରିବା ଅନିବାର୍ଯ୍ୟ । ଏଥିରେ ହଜୁର ସ:ଆ:ସ କହିଲେ ଏହା ହିଁ କାରଣ, ତୁମର ବୈକୁଣ୍ଠରେ ମୋ ଆଗରେ ରହିବାର ଅର୍ଥାତ ମୋ ଆଗେ

ଆଗେ ଚାଲିବାର ।

***(ସୁନନେ ତିର୍‌ମିଜି, ଅବୱାବୁଲ୍ ମନାକିବ୍......... ହଦିସ୍ ନଂ- ୩୬୮୯)***

ଆଉ ଏକ ବର୍ଣ୍ଣନାରେ ଏପରି ଦରଜ ରହିଛି କି ହଜ୍‌ରତ୍ ଅବୁ ହୁରେରା ର:ଅ ବର୍ଣ୍ଣନା କରନ୍ତି ଯେ, ହଜୁର ସ:ଆ:ସ ହଜ୍‌ରତ୍ ବିଲାଲ୍ ର:ଅଙ୍କୁ ପ୍ରାତଃ ସମୟରେ କହିଲେ, ହେ ବିଲାଲ ! ମତେ କୁହ ତୁମେ ଇସ୍‌ଲାମ୍‌ରେ ସବୁଠାରୁ ଉତମ ଅମଲ କଣ କରିଛ କାରଣ ବୈକୁଣ୍ଠରେ ମୁଁ ନିଜ ଆଗରେ ଚାଲୁଥିବାର ତୁମର ପାଦ ସ୍ୱରକୁ ଶୁଣିବାକୁ ପାଇଲି । ହଜ୍‌ରତ୍ ବିଲାଲ୍ ର:ଅ କହିଲେ, ମୁଁ ତ ସେମିତି କିଛି ଅଧିକ ପୂଣ୍ୟ କରିନାହିଁ ହଁ ଯେତେବେଳେ ରାତି ସମୟରେ ତଥା ଦିନବେଳା ୱଜୁ କରେ ସେତେବେଳେ ସଙ୍ଗେ ସଙ୍ଗେ ମୁଁ ଦୁଇ ରେକାତ ନଓ୍ୱାଫିଲ୍ ନିଶ୍ଚିତରୂପେ ପାଠ କରିନେଇଥାଏ ଯେତିକି କରିବାର ମୋ ଭାଗ୍ୟରେ ରହିଥାଏ ।

***(ସହି ବୁଖାରୀ, କିତାବୁଲ୍ ତହଜ୍ଜୁଦ୍...... ହଦିସ୍-୧୧୪୯)***

ଏହାର ଅର୍ଥ ନୁହେଁ ଯେ, ସେ ହଜୁର ସ:ଆ:ସଙ୍କ ଠାରୁ ଅଧିକା ଓ ଉଚ୍ଚ ଆସନରେ ଅଧିଷ୍ଠିତ ଥିଲେ ବରଂ ଏହା ତାଙ୍କର ପବିତ୍ରତା ଓ ଗୁପ୍ତ ଉପାସନା ଯୋଗୁଁ ଅଲ୍ଲାଃ ତାଲା ତାଙ୍କୁ ଏହି ଉପାଧି ପ୍ରଦାନ କରିଥିଲେ କି ସେ ଏହି ଭବମଣ୍ଡଳରେ ଯେଭଳି ହଜୁର ସ:ଆ:ସଙ୍କ ସାଥିରେ ରହିଥିଲେ ସେହିପରି ପରକାଳରେ ମଧ୍ୟ ବୈକୁଣ୍ଠରେ ମଧ୍ୟ ହଜୁର ସ:ଆ:ସଙ୍କ ସାଥିରେ ରହିଛନ୍ତି । ଗତ ଖୁତ୍‌ବାରେ ଏହି ଚର୍ଚ୍ଚା ହୋଇଥିଲା ଯେ, ଇଦ୍ ଦିନ ହଜ୍‌ରତ୍ ବିଲାଲ୍ ର:ଅ ବର୍ଚ୍ଛା ନେଇ ହଜୁର ସ:ଆ:ସଙ୍କ ଆଗେ ଆଗେ ଯାଉଥିଲେ ଏବଂ କିବ୍‌ଲା ଦିଗରେ ତାହାକୁ ପୋତି ଦେଉଥିଲେ ତା'ପରେ ହଜୁର ସ:ଆ:ସ ଇଦ୍ ନମାଜ ପାଠ କରାଉଥିଲେ । ସେ ଯାହା ହେଉ ପ୍ରଭୁ ତାଙ୍କ ପବିତ୍ରତା ଓ ଉପାସନା ଯୋଗୁଁ ବୈକୁଣ୍ଠରେ ତାଙ୍କୁ ଏହି ମର୍ଯ୍ୟାଦା ପ୍ରଦାନ କରିଛନ୍ତି ଓ ତାହା ହଜୁର ସ:ଆ:ସ ଦେଖିଲେ ଅର୍ଥାତ ସ୍ୱପ୍ନରେ ଦେଖିଲେ କି ସେ ତାଙ୍କ ଆଗରେ ଚାଲୁଛନ୍ତି ।

ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜୁର ସ:ଆ:ସ କହିଲେ, ଯେତେବେଳେ ମତେ ରାତ୍ର ସମୟରେ ବୈକୁଣ୍ଠକୁ ଘେନି ନିଆଗଲା ସେତେବେଳରେ ମୁଁ ତାଙ୍କ ଚାଲିବାର ପାଦ ସ୍ୱର ଶୁଣିବାକୁ ପାଇଲି । ଅତଏବ ମୁଁ ଜିବ୍‌ରିଲ୍‌ଙ୍କୁ ପଚାରିଲି ଏ ପାଦ ସ୍ୱର କାହାର ? ସେ ଉତର ଦେଲେ ହଜ୍‌ରତ୍ ବିଲାଲ୍ ର:ଅଙ୍କର । ହଜ୍‌ରତ୍ ଅବୁବକର ର:ଅ କହିଲେ, ହାଏ ମୋ ଭାଗ୍ୟ ମୁଁ ବିଲାଲଙ୍କ ମାତାଙ୍କ ଔରଷରୁ ଜନ୍ମ ନେଇଥାନ୍ତି କି ! ଏବଂ ଭାଗ୍ୟବଶତଃ ବିଲାଲଙ୍କ ପିତା ମୋ ପିତା ହୋଇଥାନ୍ତେ କି ତଥା ମୁଁ ବିଲାଲଙ୍କ ପରି ହୋଇଥାନ୍ତି କି ?

***(ମଜ୍‌ମୁଆଜ୍ ଜୱାଇଦ୍......... ଖଣ୍ଡ-୯, ପୃ-୩୬୩.... ହଦିସ୍-୧୫୬୩୫)***

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଦେଖ କିଭଳି ଉଚ୍ଚ ଆସନ ହଜ୍‌ରତ୍ ବିଲାଲ୍ ର:ଅଙ୍କୁ ପ୍ରାପ୍ତ ହୋଇଥିଲା ଯାହାକୁ ଗୋଟିଏ ସମୟରେ ତୁଚ୍ଛ ଓ ହୀନ ମଣି ପଥରୁଆ ଚଟାଣ ଉପରେ ଘୋଷରା ଯାଉଥିଲା ଏବଂ ନାନାପ୍ରକାରର ନିର୍ଯ୍ୟାତନା ଓ କଷ୍ଟ ଦିଆଯାଉଥିଲା ।

ହଜ୍‌ତର୍ ମିର୍ଜା ବଶିର ଅହେମଦ୍ ସାହେବ ପ୍ରାରମ୍ଭିକ ସାହାବାମାନଙ୍କ ଚର୍ଚ୍ଚା କରି ଗୋଟିଏ ସ୍ଥାନରେ କୁହନ୍ତି: ହଜ୍‌ରତ୍ ବିଲାଲ୍ ର:ଅ ଯିଏ ଉମୈୟା ବିନ୍ ଖଲଫର ହବ୍‌ଶି ଗୁଲାମ ଅର୍ଥାତ ଦାସ ଥିଲେ, ହିଜ୍‌ରତ୍ ପରେ ମଦିନାପରେ ଅଜାନ୍ ଦେବା କାର୍ଯ୍ୟ ତାଙ୍କ ଉପରେ ନ୍ୟସ୍ତ କରାଯାଇଥିଲା । କିନ୍ତୁ ହଜୁର ସ:ଆ:ସଙ୍କ ଦେହାବସାନ ପରେ ସେ ଅଜାନ୍ ଦେବା ବନ୍ଦ କରିଦେଇଥିଲେ କିନ୍ତୁ ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ ସମୟକାଳରେ ଯେତେବେଳେ ମୁସଲମାନମାନେ ସିରିଆ ବିଜୟ କଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ବିଲାଲଙ୍କୁ ଅଜାନ୍ ଦେବାକୁ ବାରମ୍ବାର କହିବାରୁ ସେ ଅଜାନ୍ ଦେଇଥିଲେ । ତାଙ୍କ ଅଜାନ୍ ଶୁଣି ସମସ୍ତଙ୍କର ହଜୁର ସ:ଆ:ସଙ୍କ ସମୟକାଳ ମନେ ପଡ଼ିଯାଇଥିଲା ଏବଂ ସେ ସ୍ୱୟମ୍, ହଜ୍‌ରତ୍ ଉମର୍ ର:ଅ ତଥା ଅନ୍ୟ ସାହାବାଗଣ ଯେ ସେଠାରେ ଉପସ୍ଥିତ ଥିଲେ ଏଭଳି ଆତୁରତାର ସହ ରୋଦନ କଲେ ଯେ, ସେମାନଙ୍କ ହେଙ୍କା ଗୁଞ୍ଜରିତ ହୋଇ ଉଠୁଥିଲା । ହଜ୍‌ରତ୍ ଉମର ର:ଅଙ୍କୁ ବିଲାଲଙ୍କ ସହ ଏଭଳି ପ୍ରେମ ଓ ପ୍ରିତି ସମ୍ପର୍କ ରହିଥିଲା ଯେ ଯେତେବେଳେ ତାଙ୍କର ଦେହାନ୍ତ ଘଟିଲା ସେତେବେଳେ ହଜ୍‌ରତ୍ ଉମର୍ ର:ଅ କହିଲେ, ଆଜି ମୁସଲମାନମାନଙ୍କର ସର୍ଦ୍ଦାର ଚାଲିଗଲେ । ଏହା ଜଣେ ଗରିବ ହବ୍‌ଶି କ୍ରୀତଦାସଙ୍କ ପାଇଁ ଉପସ୍ଥିତ ମହାପ୍ରତାପି ସମ୍ରାଟଙ୍କର ଏପରି ଉକ୍ତି ଥିଲା ଅର୍ଥାତ ଖଲିଫା-ଏ-ୱକ୍ତଙ୍କରା ଅର୍ଥାତ ତାଙ୍କ ବିଷୟରେ ଏଭଳି ଉକ୍ତି ଖଲିଫା ବାଢ଼ି ଦେଇଥିଲେ ।

***(ସିରତ୍ ଖାତ୍‌ମୁନ୍ ନବିୟିନ୍ ସ:ଆ:ସ ..... ପୃ-୧୨୪-୧୨୫)***

ଏକଦା ହଜ୍‌ରତ ଖଲିଫତୁଲ୍ ମସିହ ସାନି ମହିଳାମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ: ଅଲ୍ଲାଃ ତାଲା ପବିତ୍ର କୁରଆନ୍‌ରେ ଦର୍ଶାଇଛନ୍ତି: **ଅଲ୍‌ମାଲୁ ୱଲ୍‌ବଜନୁନା ଜିନତୁଲ୍ ହୟାତିଦ୍ ଦନ୍‌ୟା ୱଲ୍‌ବାକିୟାତୁସ୍ ସ୍ୱାଲିହାତୁ ଖୈରୁନ୍ ଇନ୍ଦ ରବ୍‌ବିକା ସୱାବଉଁ ୱ ଖୈରୁନ୍ ଅମଲା ।** ଏହାର ବ୍ୟାଖ୍ୟାରେ ହଜ୍‌ରତ୍ ବିଲାଲ୍ ର:ଅଙ୍କ ଚର୍ଚ୍ଚା କରି ହଜୁର କୁହନ୍ତି ଗୋଟିଏ ଜିନିଷ ବାକି ରହିଥାଏ ତାହା ହେଉଛି **ଅଲ୍‌ବାକିୟାତୁସ୍ ସ୍ୱାଲିହାତୁ ।** ଅର୍ଥାତ ଏପରି କାର୍ଯ୍ୟ ଯାହା ପ୍ରଭୁଙ୍କ ପ୍ରିତିଭାଜନ ଲାଭ କରିବାକୁ ସମ୍ପାଦନ କରାଯାଏ । ତାହା ହିଁ ବାକି ରହିଯାଇଥାଏ । ପୁନଶ୍ଚ ଆପଣ କହିଲେ ଆଜି ଅବୁ ହୁରେରା ର:ଅଙ୍କ ସନ୍ତାନମାନେ କାହାନ୍ତି ତାଙ୍କର ଘର କେଉଁଠାରେ ଅଛି, ତାଙ୍କର କୌଣସି ଧନସମ୍ପତି ଅଛି କି ନାହିଁ, ସନ୍ତାନମାନେ ଅଛନ୍ତି କି ନାହାନ୍ତି, ଆମକୁ ତାହା ଜଣାନାହିଁ ତାଙ୍କ ସନ୍ତାନମାନେ କେଉଁଠାରେ ଅଛନ୍ତି ଆମେ ତାଙ୍କର କିଛି କୌଣସି ସନ୍ତାନଙ୍କୁ ଦେଖିବାକୁ ପାଉନାହୁଁ କିନ୍ତୁ ଯେତେବେଳେ ତାଙ୍କ ନାମ ନେଉଛୁ ସେତେବେଳେ ଅବୁ ହୁରେରା ର:ଅ ଭାବରେ ତାଙ୍କୁ ସମ୍ବୋଧନ କରୁଛୁ । ଅର୍ଥାତ ତାଙ୍କ ଉପରେ ଈଶ୍ୱର ପ୍ରସନ୍ନ ହୁଅନ୍ତୁ । କିଛି ଦିନ ପୂର୍ବେ ଜଣେ ଆରବୀ ବ୍ୟକ୍ତି ଆସିଲେ ଏବଂ ନିଜ ପରିଚୟ ଦେଇ କହିଲେ ଯେ ମୁଁ ବିଲାଲ୍ ର:ଅଙ୍କ ସନ୍ତାନ ମଧ୍ୟରୁ ଅଟେ । ଜଣାନାହିଁ ସେ ସତ କହୁଥିଲେ କି ମିଛ କହୁଥିଲେ କିନ୍ତୁ ମୋ ମନରେ ସେତେବେଳେ ଏହି ଉତ୍କଣ୍ଠା ଯାତ ହେଲା କି ମୁଁ ତାଙ୍କୁ ଆଲିଙ୍ଗନ କରିନିଅନ୍ତି କି କାରଣ ସେ ଏପରି ବ୍ୟକ୍ତି ବିଶେଷର ସନ୍ତାନ, ଯିଏ ହଜୁର ସ:ଆ:ସଙ୍କ ପାଇଁ ମସ୍‌ଜିଦ୍‌ରେ ଅଜାନ୍ ଦେଉଥିଲେ । ଏପରି କାର୍ଯ୍ୟ ଯାହା ପ୍ରଭୁଙ୍କ ଖାତିର କରାଯାଏ ତାହା ହିଁ ବାକି ରହିବ । ଆଜି ବିଲାଲ୍ ର:ଅଙ୍କ ସନ୍ତାନ କାହାନ୍ତି ଆମକୁ ତ ଜଣାନାହିଁ ତାଙ୍କର କେହି ସନ୍ତାନ ଅଛନ୍ତି କି ନାହିଁ ତାଙ୍କର ଘର କେଉଁଠି ଅଛି, ତାଙ୍କର ଧନ ସମ୍ପତି କେଉଁଠି ଅଛି ? କିନ୍ତୁ ସେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ମସ୍‌ଜିଦ୍‌ରେ ଯେଉଁ ଅଜାନ୍ ଦେଉଥିଲା ତାହା ଆଜି ମଧ୍ୟ ବାକି ରହିଯାଇଛି ଏବଂ ଏହି ସବୁ ଅର୍ଜିତ ପୂଣ୍ୟ ହିଁ ବାକି ରହିଥାଏ । ***(ମସ୍‌ତୁରାତ୍ ସେ ଖିତାବ୍, ଅନ୍‌ୱାରୁଲ୍ ଉଲୁମ୍, ଖଣ୍ଡ-୧୬, ପୃ-୪୫୭-୪୫୮)*** ହଜ୍‌ରତ୍ ବିଲାଲ୍ ର:ଅଙ୍କଠାରୁ ଚଉରାଳିଶି ଟି ହଦିସ୍ ବର୍ଣ୍ଣିତ ଅଛି । ସହିହିନ୍‌ରେ ଚାରୋଟି ରିୱାୟତ ଆସିଛି ।

***(ସେରେ ଏଲାମ୍.....ଖଣ୍ଡ-୧, ପୃ-୩୬୦.......୨୦୧୪)***

ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜୁର ସ:ଆ:ସ କହିଲେ, ବୈକୁଣ୍ଠ ତିନିଜଣ ଲୋକଙ୍କୁ ସାକ୍ଷାତ କରିବାପାଇଁ ଅତ୍ୟନ୍ତ ଉତ୍କଣ୍ଠିତ । ସେମାନେ ହେଲେ ହଜ୍‌ରତ୍ ଅଲୀ, ହଜ୍‌ରତ୍ ଅମ୍ମାର ଓ ହଜ୍‌ରତ୍ ବିଲାଲ ର:ଅ ।

***(ସେରେ ଏଲାମୁନ୍ ନବୀ,...... ଖଣ୍ଡ-୧, ପୃ-୩୬୦......୨୦୧୪)***

ଏକଦା ହଜ୍‌ରତ୍ ଉମର୍ ହଜ୍‌ରତ୍ ଅବୁବକର ର:ଅଙ୍କ ପ୍ରଶଂସା ବର୍ଣ୍ଣନା କରି କହିଲେ, ଇତି ମଧ୍ୟରେ ସେ ହଜ୍‌ରତ୍ ବିଲାଲ ର:ଅଙ୍କ ଆଡ଼କୁ ଇଙ୍ଗିତ କରି କହିଲେ, ଏ ବିଲାଲ ହେଉଛନ୍ତି ଆମ ସର୍ଦ୍ଦାର ଏବଂ ସେ ହଜରତ୍ ଅବୁବକରଙ୍କ ପୂଣ୍ୟକର୍ମ ମଧ୍ୟରୁ ଗୋଟିଏ ପୂଣ୍ୟ ।

***(ତାରିଖେ ଦମ୍‌ଶକ୍....... ଖଣ୍ଡ-୧୦, ପୃ-୩୬୩...... ବେରୁତ ୨୦୦୧)***

କାରଣ ହଜ୍‌ରତ୍ ଅବୁବକର ର:ଅ ହଜ୍‌ରତ୍ ବିଲାଲ ର:ଅଙ୍କୁ ଦାସତ୍ୱରୁ ମୁକ୍ତ କରି ସ୍ୱାଧିନ କରିଥିଲେ ।

ଆଇଜ୍ ବିନ୍ ଉମ୍‌ରୋ ବର୍ଣ୍ଣନା କରନ୍ତି କି ହଜ୍‌ରତ୍ ସୁଲେମାନ୍, ହଜ୍‌ରତ୍ ସୋହେବ୍ ଓ ହଜ୍‌ରତ୍ ବିଲାଲ ର:ଅ ଯିଏ କି ଏକ ଜନସମାଗମ ସ୍ଥାନରେ ଉପସ୍ଥିତ ଥିଲେ ସେଠାରେ ଅବୁ ସୁଫିୟାନ ଆସି ପହଂଚିଲେ । ସେତେବେଳେ ସେମାନେ କହିଲେ ଅଲ୍ଲାଃଙ୍କ ରାଣ, ଅଲ୍ଲାଃଙ୍କ ଖଡ୍ଗ ଅଲ୍ଲାଃଙ୍କ ଶତ୍ରୁର ଗଳାରେ ନପଡୁ । ବର୍ଣ୍ଣନାକାରୀ କୁହନ୍ତି ହଜରତ ଅବୁବକର ର:ଅ କହିଲେ କଣ ତୁମେ କୁରେଶର ସମ୍ମାନୀୟ ଓ ସର୍ଦ୍ଦାରଙ୍କ ପ୍ରସଙ୍ଗରେ ଏଭଳି କହୁଛ ତେଣୁ ସେମାନେ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ଏ ସମସ୍ତ ଘଟଣା ସମ୍ବନ୍ଧରେ ହଜୁର ସ:ଆ:ସଙ୍କୁ ଅବଗତ କରାଇଲେ । ଏଥିରେ ହଜୁର ସ:ଆ:ସ କହିଲେ ହେ ଅବୁବକର ସମ୍ଭବତଃ ତୁମେ ତାଙ୍କୁ ଅତିଷ୍ଠ କରିଦେଇଛ ଅର୍ଥାତ ସେହି ସାହାବାମାନଙ୍କୁ ଯଦି ତୁମେ ତାଙ୍କୁ ଅତିଷ୍ଠ କର ତେବେ ନିଶ୍ଚିତରୂପେ ନିଜ ପାଳନକର୍ତାଙ୍କୁ ଅତିଷ୍ଠ କରିଦେବ । ଅତଏବ ହଜ୍‌ରତ୍ ଅବୁବକର ର:ଅ ସେମାନଙ୍କ ନିକଟକୁ ଗଲେ ଏବଂ ତାଙ୍କୁ କହିଲେ ହେ ମୋର ପ୍ରାୟ ବନ୍ଧୁଗଣ ! ଭାଇମାନେ ! ମୁଁ ତୁମକୁ କ୍ରୋଧିତ କରିବାକୁ ଚାହୁଁନାହିଁ । ଦେଖ ହଜ୍‌ରତ୍ ଅବୁବକର କିଭଳି ପ୍ରଶସ୍ତ ହୃଦୟି ବ୍ୟକ୍ତି ଥିଲେ ଯିଏ ସଙ୍ଗେ ସଙ୍ଗେ ସେହି ଗରୀବ ସାହାବାମାନଙ୍କ ନିକଟକୁ ଯାଇ ନିଜେ ଏମିତି କହିଥିବା ଯୋଗୁଁ ଅନୁତାପ ପ୍ରକାଶ କରିଥିଲେ କିନ୍ତୁ ସେମାନେ ମଧ୍ୟ ବେଶ୍ ଖୋଲ ହୃଦୟ ସମ୍ପନ୍ନ ସାହାବା ଥିଲେ, ତେଣୁ ସେମାନେ କହିଲେ ନା ନା ଅଲ୍ଲାଃ ଆପଣଙ୍କୁ କ୍ଷମା ଦିଅନ୍ତୁ, ସେଭଳି କୌଣସି କଥା ନାହିଁ ନା ଆମ ମନରେ ଆପଣଙ୍କ ପ୍ରତି କୌଣସି ବିତୃଷ୍ଣାଭାବ ରହିଛି ନା ଆମେ ଆପଣଙ୍କ ପ୍ରତି ମନଊଣା କରିଛୁ କି ରାଗିଛୁ ।

***(ସହି ମୁସ୍‌ଲିମ୍ କିତାବୁଲ୍ ଫଜାଏଲୁସ୍ ସାହାବା..... ହଦିସ୍- ୨୫୦୪)***

ହଜ୍‌ରତ୍ ଅବୁମୁସା ର:ଅ ବର୍ଣ୍ଣନା କରନ୍ତି: ଯେ ଜଣେ ଗାଉଁଲି ବ୍ୟକ୍ତି ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲା ଏବଂ କହିଲା, ହଜୁର କଣ ଆପଣ ମୋ ସହ କରିଥିବା ପ୍ରତିଜ୍ଞା ପୂରଣ କରିବେନାହିଁ ? ହଜୁର ସ:ଆ:ସ ତାକୁ କହିଲେ: ତୁମକୁ ସୁସମାଚାର ମିଳୁ । ଏଥିରେ ସେହି ବ୍ୟକ୍ତି ଜଣକ କହିଲା ଏକଥା ଆପଣ ମତେ ଅନେକଥର କହିସାରିଲେଣି । ଏଥି ଉତାରୁ ହଜୁର ସ:ଆ:ସ ହଜ୍‌ରତ୍ ଅବୁବକର, ଅବୁ ମୁସା ଓ ହଜ୍‌ରତ୍ ବିଲାଲ ର:ଅଙ୍କ ଆଡ଼କୁ ଚାହିଁଲେ ଏବଂ କହିଲେ ସେ ସୁସମାଚାରକୁ ରଦ୍ଦ କରିଦେଲା ଅର୍ଥାତ ଉକ୍ତ ଗାଉଁଲି ବ୍ୟକ୍ତିକୁ ମୁଁ ଯେଉଁ ସୁସମାଚାର ଦେଇଥିଲି ସେ ତାହାକୁ ପ୍ରତ୍ୟାଖାନ କରିଛି ଅତଃ ତୁମେ ଦୁହେଁ ଅର୍ଥାତ ହଜ୍‌ରତ୍ ଅବୁ ମୁସା ଓ ହଜ୍‌ରତ୍ ବିଲାଲ ଏହାକୁ ସ୍ୱୀକାର କରିନିଅ ଏଥିରେ ସେମାନେ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ଆମେ ସ୍ୱୀକାର କରୁଅଛୁ । ତା'ପରେ ହଜୁର ଏକ ପାତ୍ର ମଗାଇଲେ ଯେଉଁଥିରେ ଜଳ ଥିଲା ସେଥିରେ ନିଜ ହାତ ମୁହଁ ଧୋଇଲେ ଓ କୁଳି କଲେ ଏବଂ କହିଲେ ତୁମେ ଦୁହେଁ ଏଥିରୁ ପାନ କରିନିଅ ତଥା ନିଜ ମୁଖ ଓ ଛାତି ଉପରେ ତାହାକୁ ବୁହାଇ ଦିଅ । ଅର୍ଥାତ ବଳକା ଜଳକୁ ନିଜ ଦେହ ଉପରେ ବୁହାଇ ଦିଅ ଓ ଖୁସି ହୋଇଯାଅ । ଅତଏବ ସେ ଦୁହେଁ ଉକ୍ତ ପାତ୍ର ନେଇନେଲେ ଏବଂ ସେହିପରି କଲେ ଯେମିତି ହଜୁର

ସ:ଆ:ସ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେଥିଅନ୍ତେ ହଜରତ୍ ଉମ୍ମେ ସଲ୍‌ମା ବିଶ୍ୱାସକାରୀଙ୍କ ମାତା, ପରଦା ଆଢୁଆଳରୁ ତାଙ୍କୁ ଡ଼ାକରା ଦେଲେ କି ଯାହା ତୁମ ପାତ୍ରରେ ଅଛି ସେଥିମଧ୍ୟରୁ କିଛି ନିଜ ମାତା ଅର୍ଥାତ ମୋ ନିକଟକୁ ପଠାଇଦିଅ । ଅତଏବ ସେ ଦୁହେଁ ସେଥିମଧ୍ୟରୁ ତାଙ୍କ ପାଇଁ କିଛି ପ୍ରେରଣ କଲେ । ***(ସହି ମୁସ୍‌ଲିମ୍........ ହଦିସ୍ ୨୪୯୭)***

ହଜରତ୍ ଅଲୀ ର:ଅ ବର୍ଣ୍ଣନା କରନ୍ତି ନବୀ କରିମ୍ ସ:ଆ:ସ କହିଲେ ପ୍ରତ୍ୟେକ ନବୀଙ୍କୁ ସାତଜଣ ନକିବ୍ ଅର୍ଥାତ ପ୍ରହରୀ ମିଳିଥାନ୍ତି କିନ୍ତୁ ମତେ ଅଲ୍ଲାଃ ତାଲା ଚଉଦ ଜଣ ପ୍ରହରୀ ପ୍ରଦାନ କରିଛନ୍ତି ଆମେ ପଚାରିଲୁ ହେ ହଜୁର ହେ ଅଲ୍ଲାଃଙ୍କ ନବୀ ସ:ଆ:ସ! ସେମାନେ କିଏ ? ହଜରତ୍ ଅଲୀ ର:ଅ କହିଲେ ମୁଁ, ମୋର ଦୁଇ ପୁତ୍ର, ଜାଫର, ହମ୍‌ଜା, ଅବୁବକର, ଉମର, ମୁସ୍‌ଅବ୍ ବିନ୍ ଉମୈର୍, ବିଲାଲ, ଉସ୍‌ମାନ, ମିକ୍‌ଦାଦ୍, ଅବୁଜର, ଅମାର୍ ଏବଂ ଅବଦୁଲ୍ଲାଃ ବିନ୍ ମସ୍‌ଉଦ୍ ।

***(ସୁନନେ ତିର୍‌ମିଜି, ଅବୁୱାବୁଲ୍ ମନାକିବ୍, ହଦିସ୍ ନଂ- ୩୭୮୫)***

ହଜରତ୍ ଜୈଦ୍ ବିନ୍ ଅର୍‌କମ୍ ବର୍ଣ୍ଣନା କରନ୍ତି କି, ହଜୁର ସ:ଆ:ସ କହିଲେ, ବିଲାଲ୍ କେତେ ଭଲ ଲୋକ । ସେ ସମସ୍ତ ମୁଆଜିନ୍ ମାନଙ୍କ (ଅର୍ଥାତ ଅଜାନ୍ ଦେବା ବ୍ୟକ୍ତିମାନଙ୍କ) ସର୍ଦ୍ଦାର ତାଙ୍କ ଅନୁଗାମୀ କେବଳ ମୁଅଜିନ୍ ହିଁ ହେବେ ଓ ପ୍ରଳୟ ଦିବସରେ ସେ ସବୁଠାରୁ ଲମ୍ବା ବେକଧାରି ମୁଆଜିନ୍ ହେବେ ଅର୍ଥାତ ତାଙ୍କର ମାନସମ୍ମାନ ବହୁତ ହେବ ।

***(ଅଲ୍ ମୁସ୍‌ତଦ୍‌ରକ.....ହଦିସ୍-୫୨୪୪, ଖଣ୍ଡ-୩, ପୃ-୩୨୨..... ବେରୁତ ୨୦୦୨)***

ହଜରତ୍ ଜୈଦ୍ ବିନ୍ ଅର୍‌କମ୍ ବର୍ଣ୍ଣନା କରନ୍ତି, ହଜୁର ସ:ଆ:ସ କହିଲେ, ବିଲାଲ କିଭଳି ଉତମ ବ୍ୟକ୍ତି ଯେ ଶହୀଦ ଓ ମୁଆଜିନମାନଙ୍କ ସର୍ଦ୍ଦାର ଏବଂ ପ୍ରଳୟ ଦିବସରେ ସବୁଠାରୁ ଲମ୍ବା ବେକ ହଜ୍‌ରତ୍ ବିଲାଲ ର:ଅଙ୍କର ହୋଇଥିବ । ଅର୍ଥାତ ତାଙ୍କୁ ବେଶ୍ ସମ୍ମାନର ଆସନ ଲାଭ ହେବ । ***(ମୁଅଜମୁଲ୍ କୱାଇଦ୍..... ଖଣ୍ଡ-୯, ପୃ-୩୬୩ ହଦିସ୍-୧୫୬୩୬..... ବେରୁତ ୨୦୦୧)***

ଆଉ ଏକ ସ୍ଥାନରେ ଉଲ୍ଲେଖ ରହିଛି ହଜୁର ସ:ଆ:ସ କହିଲେ, ହଜ୍‌ରତ୍ ବିଲାଲଙ୍କୁ ବୈକୁଣ୍ଠର ଓଟମାନଙ୍କ ମଧ୍ୟରୁ ଗୋଟିଏ ଓଟ ମିଳିବ ଏବଂ ସେ ତାହା ଉପରେ ଆରୋହଣ କରିବେ । ***(ସେରେ ଏଲାମ୍....... ଖଣ୍ଡ-୧, ପୃ-୩୫୫...... ୨୦୧୪)***

ହଜରତ୍ ବିଲାଲ ର:ଅଙ୍କ ପତ୍ନୀ ବର୍ଣ୍ଣନା କରନ୍ତି, ହଜୁର ସ:ଆ:ସ ମୋ ନିକଟକୁ ଆସି ସଲାମ୍ କରି କହିଲେ କଣ କଣ ବିଲାଲ୍ ଘରେ ଅଛନ୍ତି ? ମୁଁ କହିଲି ଏ ପର୍ଯ୍ୟନ୍ତ ଘରକୁ ଆସିନାହାନ୍ତି । ଏଥିରେ ଆପଣ ସ:ଆ:ସ କହିଲେ: ଲାଗୁଛି ତୁମେ ବିଲାଲଙ୍କ ଉପରେ ନାରାଜ୍ ଅଛ । ମୁଁ କହିଲି ସେ ମତେ ଭଲ ପାଆନ୍ତି ଓ ପ୍ରତ୍ୟେକ କଥାରେ କୁହନ୍ତି ଏକଥା ରସୁଲୁଲ୍ଲାଃ ସ:ଆ:ସ କହିଛନ୍ତି । ଅତଏବ ରସୁଲୁଲ୍ଲାଃ ସ:ଆ:ସ ବିଲାଲଙ୍କ ପତ୍ନୀଙ୍କୁ କହିଲେ, ବିଲାଲ ମୋଠାରୁ ଯେଉଁ କଥା ଶୁଣି ତୁମ ନିକଟରେ ପହଂଚାଏ ତାହା ନିଶ୍ଚିତରୂପେ ସତ୍ୟ ହେବ । ମନେରଖ ବିଲାଲ୍ କଦାପି ଅବାନ୍ତର କଥା କହିବେ ନାହିଁ । ଅତଃ ତୁମେ କଦାପି ବିଲାଲଙ୍କ ଉପରେ ଅତିଷ୍ଠ ହେବନାହିଁ । ଯେ ପର୍ଯ୍ୟନ୍ତ ତୁମେ ବିଲାଲ୍‌ଙ୍କୁ ନାରାଜ କରି ରଖିଛ ସେ ପର୍ଯ୍ୟନ୍ତ ତୁମର କୌଣସି ଅମଲ ସ୍ୱୀକାର ଯୋଗ୍ୟ ହେବନାହିଁ ।

***(ତାରିଖେ ଦମ୍‌ଶକ୍...... ଖଣ୍ଡ-୧୦, ପୃ-୩୫୬...... ବେରୁତ ୨୦୦୧)***

ହଜରତ୍ ଅବୁ ହୁରେରା ର:ଅ ବର୍ଣ୍ଣନା କରନ୍ତି, ହଜୁର ସ:ଆ:ସ କହିଲେ, ହଜ୍‌ରତ୍ ବିଲାଲ ର:ଅଙ୍କ ଉଦାହରଣ ତ ମୁଧମକ୍ଷିକା ପରି ଯିଏ ମଧୁର ଫଳ ଓ ପିତା ଗୁଳ୍ମ ମଧ୍ୟରୁ ରସ ଶୋଷି ନେଇଥାଏ କିନ୍ତୁ ଯେତେବେଳେ ମଧୁ ପ୍ରସ୍ତୁତ ହୋଇଯାଏ ସେତେବେଳେ ତାହା ସମ୍ପୁର୍ଣ୍ଣରୂପେ ମିଠା ପାଲଟି ଯାଇଥାଏ । ***(ମୁଅଜମୁଲ୍ କୱାଇଦ୍..... ଖଣ୍ଡ-୯, ପୃ-୩୬୪ ହଦିସ୍-୧୫୬୩୯..... ବେରୁତ ୨୦୦୧)***

ହଜରତ୍ ବିଲାଲଙ୍କ ପତ୍ନୀ ବର୍ଣ୍ଣନା କରନ୍ତି, ହଜରତ୍ ବିଲାଲ ଯେତେବେଳେ ବିଶ୍ରାମ କରିବାକୁ ବିଛଣାକୁ ଯାଆନ୍ତି, ସେତେବେଳେ ଏହି ଦୁଆ କରିଥାନ୍ତି କି, ହେ ଅଲ୍ଲାଃ ତୁମେ ମୋ ପାପମୋଚନ କର ଓ ମୋ ଦୋଷତ୍ରୁଟିକୁ କ୍ଷମା ଦିଅ ।

***(ମୁଅଜମୁଲ୍ କବୀର..... ଖଣ୍ଡ-୧, ପୃ-୩୩୭ ହଦିସ୍-୧୦୦୯)***

ହଜରତ୍ ବିଲାଲଙ୍କ ବର୍ଣ୍ଣନା କରୁଛନ୍ତି ଯେ, ଏକଦା ହଜୁର ସ:ଆ:ସ ମତେ କହିଲେ, ହେ ବିଲାଲ୍ ଗରୀବ ଅବସ୍ଥାରେ ମୃତ୍ୟୁବରଣ କରିବ ଏବଂ ଧର୍ନାଢ୍ୟ ଅବସ୍ଥାରେ ମରିବନାହିଁ । ମୁଁ ପଚାରିଲି ଏହା କିଭଳି ସମ୍ଭବ ଅର୍ଥାତ ଏହାର ଅର୍ଥ ମତେ ବୁଝାପଡୁନାହିଁ । ଏଥିରେ ହଜୁର ସ:ଆ:ସ କହିଲେ, ଯାହା ଉପାର୍ଜନ କରିବ ତାହାକୁ ସାଇତି ନ ରଖିବ ଏବଂ ଯେଉଁ ବସ୍ତୁ ତୁମକୁ ମଗାଯାଏ ତାହା ଦେବାକୁ ମନା କରିବନାହିଁ । ମୁଁ କହିଲି, ହେ ଅଲ୍ଲାଃଙ୍କ ରସୁଲ ! ଯଦି ମୁଁ ଏପରି ନ କରିପାରେ ତେବେ କଣ ହେବ ? ହଜୁର ସ:ଆ:ସ କହିଲେ ତୁମକୁ ସେହିପରି ହିଁ କରିବାକୁ ହେବ ନଚେତ ଅଗ୍ନି ତୁମର ଠିକଣା ହେବ ।

***(ମୁଅଜମୁଲ୍ କବୀର..... ଖଣ୍ଡ-୧, ପୃ-୩୪୧, ହଦିସ୍-୧୦୦୯))***

ହଜୁର ଅନୱର ଅ:ବ:ଅ କହିଲେ, ଅର୍ଥାତ କୌଣସି ଦିନ ଦରିଦ୍ରକୁ ଘଉଡ଼ାଇ ଦେବନାହିଁ ଏବଂ କେବଳ ଜମା କରି ରଖିବ ନାହିଁ ଅର୍ଥାତ ସାଇତି ରଖିବା ଉଚିତ ନୁହେଁ ନା ଖର୍ଚ୍ଚ କରିବାରୁ ନିବୃତ ରୁହ, ଖର୍ଚ୍ଚ କରିବା ମଧ୍ୟ ଅତ୍ୟନ୍ତ ଜରୁରୀ ।

ହଜରତ୍ ବିଲାଲଙ୍କ ଦେହାନ୍ତ ହଜରତ୍ ଉମର୍ ର:ଅଙ୍କ ଖିଲାଫତ ସମୟ କାଳରେ ୨୦ ହିଜରିରେ ସିରିଆରେ ଘଟିଥିଲା । ଆଉ କେତେକଙ୍କ କହିବା ଅନୁଯାୟୀ ତାଙ୍କ ଦେହାନ୍ତ ହଲବଠାରେ ହୋଇଥିଲା । ସେତେବେଳେ ହଜ୍‌ରତ୍ ବିଲାଲଙ୍କ ବୟସ ୬୦ ବର୍ଷରୁ କିଛି ଉର୍ଦ୍ଧ ଥିଲା, ଆଉ କେତେକ ମତପ୍ରକାଶ କରିଛନ୍ତି କି ହଜରତ୍ ବିଲାଲ ର:ଅଙ୍କ ଦେହାନ୍ତ ୧୮ ହିଜରୀରେ ହୋଇଥିଲା । ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଦମଶକ୍‌ର କବ୍‌ରସ୍ଥାନ ବାବୁଲ୍ ସୁଗ୍‌ରା ନିକଟରେ ହୋଇଥିଲା ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୮୦............ ବେରୁତ ୨୦୧୭)***

***(ତାରିଖେ ଦମ୍‌ଶକ୍......... ଖଣ୍ଡ-୧୦, ପୃ-୩୩୫...... ବେରୁତ ୨୦୦୧)***

ହଜ୍‌ରତ୍ ଖଲିଫତୁଲ ମସିହ ସାନି ହଜରତ୍ ବିଲାଲଙ୍କ ଉଚ୍ଚ ପଦ ଏବଂ ଉଚ୍ଚ ସ୍ତର ସମ୍ବନ୍ଧରେ ଚର୍ଚ୍ଚା କରି କୁହନ୍ତି, ଯାହାକି ପୂର୍ବରୁ ମଧ୍ୟ ଆଲୋଚନା ହୋଇସାରିଛି କିନ୍ତୁ ଏହି ଆଲୋଚନା ଚକ୍ରରେ ତାହାର ପୂର୍ନରାୟ ଆବୃତି କରିବା ଉପଯୋଗୀ ହେବ । ହଜ୍‌ରତ୍ ବିଲାଲ୍ ହବ୍‌ଶି (ଅର୍ଥାତ ଆଫ୍ରିକୀୟ) ଥିଲେ, ଆରବୀ ଭାଷା ଭଲ ଭାବରେ ଜାଣିନଥିଲେ ଏବଂ ଆରବୀ କହିବା ସମୟରେ ଅନେକ କିଛି ଭୁଲ କରିବସୁଥିଲେ । ଉଦାହରଣ ସ୍ୱରୂପ ହବ୍‌ଶାର ଲୋକ ଶିନ୍ କୁ ସିନ୍ କହୁଥିଲେ ଅତଏବ ବିଲାଲ ଯେତେବେଳେ ଅଜାନ୍ ଦିଅନ୍ତି ସେତେବେଳେ ଅଶ୍‌ହଦୁ ବଦଳରେ ଅସହଦୁ କହିଦିଅନ୍ତି । ଏହା ଶୁଣି ଆରବୀ ଲୋକେ ତାଙ୍କର ଥଟ୍ଟା କରନ୍ତି ତାଙ୍କ ଉପରେ ହସନ୍ତି କାରଣ ସେମାନଙ୍କ ମନ ଭିତରେ ଗୋଷ୍ଠୀ ପ୍ରମୁଖର ଭାବନା ବିଦ୍ୟମାନ ଥିଲା । ଯେବେ କି ଆରବୀୟମାନେ ନିଜେ ଅନ୍ୟଭାଷାରେ କେତେକ ଶବ୍ଦ ମଧ୍ୟ ସଠିକ୍ ରୂପେ ଉଚ୍ଚାରଣ କରିପାରୁନଥିଲେ ଉଦାହରଣ ସ୍ୱରୂପ ରୋଟିକୁ ସେମାନେ ରୋତି କୁହନ୍ତି ଅର୍ଥାତ 'ଟ' ଉଚ୍ଚାରଣ କାରିନପାରି ସେମାନେ 'ତ' ଉଚ୍ଚାରଣ କରିଥାନ୍ତି । ସେହିପରି ସେମାନେ ଚୋରୀକୁ ଜୋରି କୁହନ୍ତି ଅର୍ଥାତ ସେ ଉଚ୍ଚାରଣ କରିପାରନ୍ତି ନାହିଁ । 'ଚ' ଉଚ୍ଚାରଣ କରିବା ବଦଳରେ ସେ 'ଜ' ଉଚ୍ଚାରଣ କରନ୍ତି । ଯେପରି ଅଣଆରବୀୟମାନେ ଆରବୀ ଭାଷାର କେତେକ ଅକ୍ଷର ସଠିକ୍ ରୂପେ ଉଚ୍ଚାରିତ କରିପାରିନଥାନ୍ତି । ସେହିପରି ଆରବୀମାନେ ମଧ୍ୟ ଅଣଆରବୀ ଭାଷାର କେତେକ ଅକ୍ଷରର ଉଚ୍ଚାରଣ ସଠିକ୍ ରୂପେ କରିପାରିନଥାନ୍ତି । କିନ୍ତୁ ନିଜ ଉଚ୍ଚ ଆଭିଜାତ୍ୟର ନଶାରେ ସଂଜ୍ଞା ହରାଇ ସେମାନେ ଏଥିପ୍ରତି ଚିନ୍ତା କରିନଥାନ୍ତି କି ଆମେ ମଧ୍ୟ ଅନ୍ୟ ଭାଷାଭାଷିର କେତେକ ଶବ୍ଦ ସଠିକ୍‌ରୂପେ ଉଚ୍ଚାରଣ କରିପାରୁନାହୁଁ । ହଜୁର ସ:ଆ:ସ ହଜରତ୍ ବିଲାଲଙ୍କ ଅସହଦୁରେ ଲୋକମାନଙ୍କ ଉପହାସ କରିବାକୁ ଦେଖି କହିଲେ, ତୁମେମାନେ ବିଲାଲଙ୍କ ଅଜାନ୍ ଶୁଣି ତାଙ୍କ ଉପରେ ହସୁଛ, ଯେତେବେଳେ କି ପରମେଶ୍ୱର ନିଜ ପ୍ରାସାଦରେ ଆନନ୍ଦିତ ହେଉଛନ୍ତି ଏବଂ ତୁମର ଅଶ୍‌ହଦୁ ପରିବର୍ତେ ତାଙ୍କ ଅସ୍‌ହଦୁ ଅଲ୍ଲାଃଙ୍କୁ ଅଧିକ ପ୍ରୀୟ ଅଟେ । ବିଲାଲ୍ ହବ୍‌ଶି ଦାସ ଥିଲେ, ସେତେବେଳେ ଲୋକମାନଙ୍କୁ କ୍ରୀତଦାସ କରିନିଆଯାଉଥିଲା ଏବଂ ଗତ ଶହେବର୍ଷ ପୂର୍ବେ ମଧ୍ୟ ଗରୀବ ଲୋକମାନଙ୍କୁ ଉଚ୍ଚ ଆଭିଜାତ୍ୟ ଓ ଧର୍ନାଢ୍ୟ ବ୍ୟକ୍ତିମାନେ ଦାସ କରିନିଅନ୍ତି, ବରଂ ଆଜି ମଧ୍ୟ ଏପରି ଘଟଣା ଘଟୁଅଛି । କିନ୍ତୁ ହଜୁର ସ:ଆ:ସ ଏପରି ଲୋକମାନଙ୍କ ମଧ୍ୟରେ ନଥିଲେ ଯେ ତାଙ୍କ ନିକଟରେ ଅଣଜାତିର ଲୋକଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ ହେଉ । ଆପଣଙ୍କ ଦୃଷ୍ଟି ସମସ୍ତ ମାନବଜାତି ପାଇଁ ଗୋଟିଏ ଥିଲା ଓ କାରଣ ସେମାନେ ପରମେଶ୍ୱରଙ୍କ ସୃଷ୍ଟି ଓ ଗୋଟିଏ ମାନବଜାତି । ଆପଣଙ୍କ ମନରେ ଉନାନି ଓ ହବ୍‌ଶିମାନଙ୍କ ପ୍ରତି ସମାନ ପ୍ରେମ ଭରିରହିଥିଲା ଯେପରି ଆରବମାନଙ୍କ ପ୍ରତି ପ୍ରେମଭାବ ଭରି ରହିଥିଲା । ଆପଣଙ୍କର ଏହି ବିଶେଷଗୁଣକୁ କେତେକ ଲୋକ ବୁଝିପାରୁନଥିଲେ । କିନ୍ତୁ ସେମାନେ ହଜୁର ସ:ଆ:ସଙ୍କ ଏହି ପ୍ରଶସ୍ତ ହୃଦୟ ଦେଖି ଆପଣଙ୍କ ଭଲ ପାଇବା ଜାଗିଉଠିଲା କିନ୍ତୁ ଯାହାଙ୍କର ବୁଦ୍ଧିଜ୍ଞାନ ନଥିଲା, ଦୂର ଦୃଷ୍ଟି ନଥିଲା ଯେଉଁମାନଙ୍କର ବିଶ୍ୱସ୍ତତା ଓ ଭଲପାଇବାକୁ ବୁଝିବାର ସାମର୍ଥ୍ୟ ନଥିଲା ସେମାନେ ବୁଝି ପାରିନଥିଲେ ଯେ, ଏହା କିଭଳି ହେଉଛି ।

ଦେଖ ହଜୁର ସ:ଆ:ସ ମକ୍କାରେ ଆରବ ବଂଶରେ ଜନ୍ମଗ୍ରହଣ କଲେ । ପୁଣି ଆରବୀ ଯମାନଙ୍କ ମଧ୍ୟରେ କୁରେଶ୍ ଗୋଷ୍ଠୀରେ ଜନ୍ମଗ୍ରହଣ କଲେ, ଯିଏ ଅନ୍ୟ ଆରବୀ ଗୋଷ୍ଠୀଠାରୁ ବେଶ୍ ଉଚ୍ଚ ପାହ୍ୟାର ଥିଲେ ଓ ଅନ୍ୟ ଗୋଷ୍ଠୀଙ୍କୁ ତୁଚ୍ଛ ଓ ନୀଚ ମଣାଯାଉଥିଲା ଏବଂ ସବୁଠରୁ କୁରେଶ୍‌ର ଗୋଷ୍ଠୀ ଶ୍ରେୟସ୍କର ଗୋଷ୍ଠୀବୋଲି ମଣାଯାଉଥିଲା । ଏବେ ଆପଣଙ୍କର ହବ୍‌ଶିମାନଙ୍କ ସହ କଣ ସମ୍ପର୍କ ଥିଲା ? ଯଦି ଆପଣଙ୍କୁ କୌଣସି ଗୋଷ୍ଠୀ ସହ ଉତମ ପ୍ରେମପୂର୍ଣ୍ଣ ସମ୍ପର୍କ ରଖିବା କଥା ତେବେ ତାହା ବନୁ ହାସିମ୍ ହେବା ଉଚିତ ଥିଲା ଅବା

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

କୁରୈଶ୍ ଅବା ଆରବର ଅନ୍ୟ ସମ୍ପ୍ରଦାୟର ଲୋକମାନଙ୍କ ସହ ପ୍ରିତି ସମ୍ପର୍କ ରଖିବା ଅନିବାର୍ଯ୍ୟ ହୋଇଥାନ୍ତା କାରଣ ସେମାନେ ଆପଣଙ୍କ ଜାତିଭାଇ ଥିଲେ, ଏହା ପରିବର୍ତେ ଯେଉଁ ଗୋଷ୍ଠୀକୁ ଇସ୍‌ଲାମ୍ୀୟ ପ୍ରଶାସନ ନଷ୍ଟଭ୍ରଷ୍ଟ କରିଦେଇଥିଲା ତାହା ସହ ପ୍ରିତି ସମ୍ପର୍କ କିଭଳି ସମ୍ଭବ ? କିନ୍ତୁ ସେମାନଙ୍କୁ ନିଜ ଶତୃ ମଣିବା ପରିବର୍ତେ ସେମାନଙ୍କ ସହିତ ହଜୁର ସ:ଆ:ସ ପ୍ରିତି ସମ୍ପର୍କ ରଖିଥିଲେ । ଯଦି ଆମେ ହଜ୍‌ରତ୍ ମସିହ ଆ:ସଙ୍କ ମାନ୍ୟକାରୀଙ୍କ ଅନୁଧ୍ୟାନ କରିବା ଅର୍ଥାତ ହଜ୍‌ରତ୍ ଇସା ମସିହଙ୍କ ଅନୁଗାମୀମାନଙ୍କୁ, ତେବେ ଦେଖିବାକୁ ମିଳିବ ଯେ, ଯେତେବେଳେ ହଜ୍‌ରତ୍ ମସିହ ଆ:ସ ଧରାପଡ଼ିଲେ, ତାଙ୍କର ବିଶେଷ ସାଥି ପିତ୍‌ରସ୍ ଯାହାକୁ ଆପଣ ନିଜ ଅନ୍ତେ ଖଲିଫା ଚୟନ କରିଥିଲେ, ପୋଲିସ ତାଙ୍କୁ ଅର୍ଥାତ ପିତ୍‌ରସ୍‌କୁ ହଜ୍‌ରତ୍ ମସିହଙ୍କ ପଛେ ପଛେ ଆସୁଥିବାର ଦେଖି ସନ୍ଦେହ କରି ପଚାରିବାରୁ ସେ ସଙ୍ଗେ ସଙ୍ଗେ ମନା କରିଦେଇଥିଲେ କି ନାଁ ମୁଁ ତାଙ୍କ ଅନୁଗାମୀ ନୁହେଁ ଅର୍ଥାତ ମସିହଙ୍କର ମୁଁ ଅନୁଗାମୀ ନୁହେଁ ମୁଁ ତାଙ୍କ ଉପରେ ଅଭିଷାପ ପ୍ରେରଣ କରୁଅଛି । ପରବର୍ତୀ ସମୟରେ ପିତ୍‌ରସ୍‌କୁ ମଧ୍ୟ ରୋମାରେ କୃଶରେ ଲଟକାଯାଇ ଦଣ୍ଡିତ କରାଯାଇଥିଲା ଓ ସେ ବେଶ୍ ସାହାସିକତାର ସହ ମୃତ୍ୟୁକୁ ସ୍ୱୀକାର କରିଥିଲା ,ବଂ ଇଶା ଆ:ସଙ୍କ ସହ ଯେଉଁ ପ୍ରେମ ଓ ଆଜ୍ଞାବହତା ରହିଛି ତାହାର ସେ ଅସ୍ୱୀକାର କରିନଥିଲା । କିନ୍ତୁ ଯେତେବେଳେ ହଜ୍‌ରତ୍ ଇଶାଙ୍କୁ କୃଶରେ ଦଣ୍ଡିତ କରାଗଲା ସେତେବେଳେ ତା'ର ବିଶ୍ୱାସ ଦୃଢ଼ ନଥିଲା ଓ ସେ ନିଜ ବିଶ୍ୱାସକୁ ହରାଇଥିଲା । ପ୍ରଥମେ ସେ ଦୁଇ ଚାରଟି ଚାପୁଡ଼ାରେ ଭୟଭୀତ ହୋଇଯାଇଥିଲା କିନ୍ତୁ ପରେ କୃଶ ଉପରେ ମରିବାର ଦଣ୍ଡକୁ ମଧ୍ୟ ଆନନ୍ଦର ସହ ବରଣ କରିଥିଲା । ସେ ଯାହା ହେଉ ମସିହଙ୍କ ଅନୁଗାମୀମାନଙ୍କର ମସିହଙ୍କ ସହିତ ପ୍ରେମ କରିବାର ଏହା ଏକ ଦୃଷ୍ଟିକୋଣ ଥିଲା ।

ବର୍ତମାନ ଆମେ ଦେଖିବା ଯେ ହଜ୍‌ରତ୍ ମସିହଙ୍କ ସାଥିମାନଙ୍କ ମୁକାବିଲାରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସାହାବା, ବିଶେଷରୂପେ ସେହି କ୍ରିତଦାସମାନଙ୍କର ବିଶ୍ୱାସର ଅବସ୍ଥା କଣ ଥିଲା ? ବିଲାଲ୍ ଯେ, ଜଣେ ହବ୍‌ଶି କ୍ରୀତଦାସ ଥିଲେ, ହଜୁର ସ:ଆ:ସ ତାଙ୍କୁ ଯେଭଳି ଭଲ ପାଉଥିଲେ ତାହାର ପ୍ରଭାବ ତାଙ୍କ ଉପରେ କିଭଳି ପଡ଼ିଥିଲା ? କେତେକ ଲୋକଙ୍କୁ ପ୍ରକାଶ୍ୟ ପ୍ରେମର ନିଜ ଉପରେ ଗଭୀର ପ୍ରଭାବ ପଡ଼ିଥାଏ କିନ୍ତୁ ବାସ୍ତବରେ ତାଙ୍କ ଭଲପାଇବା ଗୋଟିଏ ସୀମା ମଧ୍ୟରେ ସୀମିତ ରହିଥାଏ । ଆମକୁ ଦେଖିବାର ଅଛି ଯେ ହଜ୍‌ରତ୍ ବିଲାଲ ର:ଅ ଯିଏ କି କୁରୈଶି ନଥିଲେ, ବରଂ ଜଣେ ହବ୍‌ଶି ଦାସ ଥିଲେ ଏବଂ ସମଗ୍ର ଆରବ ତାଙ୍କୁ ଘୃଣା କରୁଥିଲେ, ତାଙ୍କ ସହ ହଜୁର ସ:ଆ:ସ ଯେଉଁ ପ୍ରେମର ପରିପ୍ରକାଶ କରିଥିଲେ ତାହା ଏକ ସାମାନ୍ୟ ମାନବିକତା ଯୋଗୁଁ ଥିଲା କି ପ୍ରକୃତ ପକ୍ଷେ ଆନ୍ତରିକତାର ଭଲପାଇବା ଥିଲା କି ଲୋକ ଦେଖାଣିଆ ଭଲ ପାଇବା ଥିଲା ? ଏହାର ସଠିକ୍ ନିରିକ୍ଷଣ ହଜ୍‌ରତ୍ ବିଲାଲ ହିଁ କରିପାରିବେ । ଆମେ ଜାଣିପାରିବା ନାହିଁ ତେଣୁ ବିଲାଲଙ୍କ ନିକଟକୁ ଯିବା ଅନିବାର୍ଯ୍ୟ କାରଣ ସେ ହିଁ ସଠିକ୍ ସୁଚନା ଦେଇପାରିବେ । ଏହି ଘଟଣାକୁ ୧୩୦୦ ବର୍ଷରୁ ଉର୍ଦ୍ଧ ବର୍ଷ ବିତିଗଲାଣି ତେଣୁ ଆମେ ତାହାର କଣ ବା ନିରିକ୍ଷଣ କରିପାରିବା ? ଦେଖିବା ଯୋଗ୍ୟ ଯେ, ହଜ୍‌ରତ୍ ବିଲାଲ ଆପଣଙ୍କ ଭଲପାଇବାକୁ କେତେଦୁର ବୁଝିଥିଲେ । ତାହା ବାସ୍ତବିକ ପ୍ରେମ ଥିଲା ଅବା ଆଉ କିଛି ଏଠାରେ ଏହି ପ୍ରଶ୍ନ ଉଠୁନାହିଁ ଯେ, ତାହାଙ୍କୁ ମୁଁ କେତେ ଦୂର୍ ବୁଝିଛି ? ଏ ପ୍ରଶ୍ନ ଉଠୁନାହିଁ ଯେ ଆମ ପୂର୍ବରୁ ଆସିଥିବା ଲୋକେ କେତେ ଦୂର ଏକଥା ବୁଝିଥିଲେ ? ନା ଏହି ପ୍ରଶ୍ନ ଉଠୁଛି କି ସାହାବା ଗଣ କଣ ବୁଝିଥିଲେ ? ବରଂ ଆମକୁ ଦେଖିବାର ଅଛି କି ହଜ୍‌ରତ୍ ବିଲାଲ ର:ଅ ଏହି କଥାକୁ କେତେ ଦୂର ବୁଝିଥିଲେ ? ତାହା ଜାଣିବାପାଇଁ ହଜୁର ସ:ଆ:ସଙ୍କର କହିଥିବା ଗୋଟିଏ ଛୋଟିଆ ବାକ୍ୟ ଯଥେଷ୍ଟ ଯାହାକି ପୂର୍ବରୁ ଆଲୋଚନା ହୋଇସାରିଛି କି "ତୁମେ ତାଙ୍କ ଅସ୍‌ହଦୁ ରେ ପରିହାସ କରିଛ କିନ୍ତୁ ଐଶ୍ୱରର୍ଯ୍ୟମୟ ପ୍ରଭୁ ଏଥିରେ ଆନନ୍ଦିତ ହେଉଛନ୍ତି" । ସେ ତୁମର ଅଶ୍‌ହଦୁ ପରିବର୍ତେ ହଜ୍‌ରତ୍ ବିଲାଲଙ୍କ ଅସ୍‌ହଦୁକୁ ଅଧିକ ସମ୍ମାନ ଦୃଷ୍ଟିରେ ଦେଖନ୍ତି । ଏହା କେବଳ ତାଙ୍କ ମନକୁ ରଖିବା ପାଇଁ ତଥା ତାଙ୍କ ସାନ୍ତ୍ୱନା ଦେବାପାଇଁ ନଥିଲା ବରଂ ତାଙ୍କ ସହ ପ୍ରଗାଢ଼ ପ୍ରେମର ପରିପ୍ରକାଶ ଥିଲା । ପୁନଶ୍ଚ ଆପଣଙ୍କ ଏହି ଛୋଟିଆ ବାକ୍ୟ କହିବା କି ତୁମର ଅଶ୍‌ହଦୁ ପରିବେର୍ତ ବିଲାଲଙ୍କ ଅସ୍‌ହଦୁ ଅଲ୍ଲାଃଙ୍କୁ ଅଧିକ ପସନ୍ଦ ଏଥିରେ ବିଲାଲ କଣ ବୁଝିଲେ ଏବଂ ସେ ଏହାର କେଉଁ ପରିଣତିରେ ଉପନିତ ହେଲେ ତାହା ଏହି କି ଯେ, ଆପଣ ହୃଦୟଙ୍ଗମ କରିଥିଲେ କି ଯଦିଚ ମୁଁ ଅଣଆରବୀୟ ଏବଂ ଏକ ଏଭଳି ଗୋଷ୍ଠୀର ଯାହାକୁ ମଣିଷ ରୂପେ ଗଣନା କରାଯାଏନାହିଁ ବରଂ ଉଚ୍ଚ ଜାତିର ଲୋକେ ତାଙ୍କୁ ଦାସ କରି ନିଜ ପାଦର ଜୋତାଠାରୁ ହିନିମାନ ଦୃଷ୍ଟିରେ ଦେଖିଥାନ୍ତି ତାହା ସହ ନବୀ ଶ୍ରେଷ୍ଠ ସ୍ନେହ ଓ ପ୍ରିତି ସମ୍ପର୍କ ବାନ୍ଧିଛନ୍ତି ।

ଆମେ ଏହି ଘଟଣାର କିଛି ସମୟ ପୂର୍ବକୁ ଗଲେ ଦେଖିବାକୁ ପାଇବା ଯେ ଆଁ ହଜ୍‌ରତ୍ ସ:ଆ:ସ କହୁଥିଲେ **ମମାତି ଲିଲ୍ଲାହ ରବ୍‌ବିଲ୍ ଆଲମୀନ୍** ଅର୍ଥାତ ମୋର ମରିବା ମଧ୍ୟ ସେହି ପ୍ରଭୁଙ୍କ ପାଇଁ ଅଟେ । ଦେଖ ହଜୁର ସ:ଆ:ସ ଦେହାବସାନ ପରେ ନୂତନ ପ୍ରଶାସନ ଆସିଯାଇଥିଲା ନୂଆ ନୂଆ ବ୍ୟକ୍ତି ଉଚ୍ଚ ପାହ୍ୟାରେ ଦାୟିତ୍ୱ ଭାର ବହନ କରିଥିଲେ । ଉଚ୍ଚ ପଦରେ ଅଧିଷ୍ଠିତ ହେଉଥିଲେ ନୂଆ ନୂଆ ପରିବର୍ତନ ଦେଖିବାକୁ ମିଳୁଥିଲା । ସେ ସମୟ ମଧ୍ୟ ବିତିଯାଇଛି ଆଉ କେତେକ ସାହାବା ଆରବରୁ ଶହସ୍ରମାଇଲ ଦୁରକୁ ଚାଲିଯାଇଥିଲେ । ସେମାନଙ୍କ ମଧ୍ୟରେ ହଜ୍‌ରତ୍ ବିଲାଲ ର:ଅ ମଧ୍ୟ ସାମିଲ ଥିଲେ ଅର୍ଥାତ ସେ ସିରିଆ ଚାଲିଯାଇଥିଲେ । ଏକଦା ସେଠାକାର ମୁସଲମାନମାନେ ଏକତ୍ରିତ ହୋଇ ହଜ୍‌ରତ୍ ବିଲାଲ ର:ଅଙ୍କୁ ନିବେଦନ କଲେ କି ହଜୁର ସ:ଆ:ସ ସମୟରେ ଆପଣ ଅଜାନ୍ ଦେଉଥିଲେ ଆମର ଇଚ୍ଛା କି ଆଜି ଆପଣ ଅଜାନ୍ ଦିଅନ୍ତୁ କିନ୍ତୁ ସେ ମନା କରିଦେଲେ କି ନାଁ ମୁଁ ଅଜାନ୍ ଦେଇପାରିବି ନାହିଁ । ହଜୁର ସ:ଆ:ସଙ୍କ ବିୟୋଗପରେ ମୁଁ ଅଜାନ୍ ଦେଇନାହିଁ । କାରଣ ଯେତେବେଳେ ମଧ୍ୟ ମୁଁ ଅଜାନ୍ ଦେବାକୁ ପ୍ରୟାସ କରିଛି ସେତେବେଳେ ହଜୁର ସ:ଆ:ସଙ୍କ ପବିତ୍ର ସମୟ ମୋ ଆଖି ଆଗରେ ଝଲସି ଉଠୁଛି ଯାହାକି ମତେ ଭାବବିହ୍ୱଳ କରିଦେଇଛି । ତେଣୁ ମୁଁ ଇଚ୍ଛା କଲେ ମଧ୍ୟ ଅଜାନ୍ ଦେଇପାରିବି ନାହିଁ ଏହା ମୋର ସାମର୍ଥ୍ୟ ବାହାରେ । ସିରିଆରେ କିଛି ଲୋକ ଏକତ୍ରିତ ହେଲେ, ଭାଗ୍ୟବଶତଃ ସେତେବେଳେ ହଜ୍‌ରତ୍ ଉମର୍ ର:ଅ ମଧ୍ୟ ସେଠାରେ ଉପସ୍ଥିତ ଥିଲେ, ଅତଏବ ଲୋକମାନେ ତାଙ୍କୁ ନିବେଦନ କଲେ କି ଆପଣ ହଜ୍‌ରତ୍ ବିଲାଲ ର:ଅଙ୍କୁ କୁହନ୍ତୁ କି ସେ ଅଜାନ୍ ଦେବେ, ହଜ୍‌ରତ୍ ଉମର ର:ଅ ହଜ୍‌ରତ୍ ବିଲାଲ ର:ଅଙ୍କୁ ଡ଼କାଇ ପଠାଇଲେ ଏବଂ କହିଲେ, ଲୋକମାନଙ୍କ ଇଚ୍ଛା କି ଆପଣ ଅଜାନ୍ ଦିଅନ୍ତୁ । ହଜ୍‌ରତ୍ ବିଲାଲ ର:ଅ କହିଲେ, ଆପଣ ଖଲିଫା ଯଦି ଆପଣଙ୍କର ଇଚ୍ଛା ତେବେ ମୁଁ ଅଜାନ୍ ଦେଇ ଦଉଛି କିନ୍ତୁ ମୋ ହୃଦୟ ଏଥିପ୍ରତି ଆଗ୍ରହିତ ନୁହେଁ । ହଜ୍‌ରତ୍ ବିଲାଲ ର:ଅ ଛିଡ଼ା ହେଲେ, ଏବଂ ସେହିଭଳି ଅଜାନ୍ ଦେଲେ ଯେପରି ହଜୁର ସ:ଆ:ସଙ୍କ ସମୟକାଳରେ ଅଜାନ୍ ଦେଉଥିଲେ । ହଜ୍‌ରତ୍ ବିଲାଲ ର:ଅଙ୍କ ଅଜାନ୍ ଶୁଣି ଲୋକମାନେ ହଜୁର ସ:ଆ:ସଙ୍କ ସମୟକୁ ମନେ ପକାଇଲେ ଏବଂ ବହୁତ ଭାବବିହୋଳ ହୋଇଗଲେ । ଯେତେବେଳେ ହଜ୍‌ରତ୍ ବିଲାଲ୍ ର:ଅ ଅଜାନ୍ କହିବା ଶେଷ କଲେ ସେତେବେଳେ ସେ ଚେତା ହରାଇ ମୁର୍ଚ୍ଛା ହୋଇଗଲେ ଓ କିଛି କ୍ଷଣରେ ହିଁ ତାଙ୍କ ପ୍ରାଣବାୟୁ ଉଡ଼ିଗଲା ଓ ସେ ଆରପାରିକୁ ଚାଲିଗଲେ । ଏହା ସେହି ସତ୍ୟ ଅମଳଗତ ସାକ୍ଷ୍ୟ ଯାହାକି ହଜୁର ସ:ଆ:ସ ଆରବୀ ଓ ଅଣଆରବୀ ମଧ୍ୟରେ କୌଣସି ପ୍ରଭେଦ ନ କରିଥିବାର ଏବଂ ସାକ୍ଷ୍ୟ ଥିଲା ଅଣଆରବୀ ଗୋଷ୍ଠୀ ବିଶେଷଙ୍କର ଯିଏ ଆପଣଙ୍କ ଭଲ ପାଇବାର ସ୍ୱର ଶୁଣି ସେଥିରେ ପ୍ରଭାବିତ ହୋଇଥିଲେ ତଥା ସେମାନେ ଏଥିରେ ନିଶ୍ଚିନ୍ତ ଥିଲେ ଯେ, ହଜୁର ସ:ଆ:ସ ଆମମାନଙ୍କ ପରି ତୁଚ୍ଛ ଓ ହୀନ ମଣିଷକୁ ଯେଭଳି ସ୍ନେହ, ଆଦର ଓ ଭଲ ପାଇବା ଦେଇଛନ୍ତି ସେହିଭଳି ସ୍ନେହ ଆଦର ଆମ ନିଜ ଜାତି ମଧ୍ୟ ଆମ ପ୍ରତି ପ୍ରଦର୍ଶନ କରିନାହିଁ । ଏଥିରେ ସୟଦନା ବିଲାଲ୍ ଯେ ନିଜ ମୁନୀବ ଓ ଦୀକ୍ଷାଦାତା ସହ ପ୍ରେମ ଓ ବିଶ୍ୱସ୍ତତା ତଥା ପ୍ରଭୁଙ୍କ ଏକଶ୍ୱରବାଦକୁ ନିଜ ହୃଦୟରେ ସ୍ଥାନ ଦେବା ପୁଣି ତାହାର ଅମଳଗତ ପ୍ରମାଣ ଦେବା ଯାହା ଆମମାନଙ୍କ ପାଇଁ ଅନୁକରଣ ଯୋଗ୍ୟ ତଥା ଆମମାନଙ୍କ ପାଇଁ ପବିତ୍ର ନମୁନା ତଥା ହଜୁର ସ:ଆ:ସଙ୍କର ନିଜର ଏକ କ୍ରୀତଦାସ ସହ ସ୍ନେହ, ପ୍ରେମ, ନମ୍ରତା ଓ ଭଲପାଇବାର ବୃତାନ୍ତ, ଯାହାର ଦୃଷ୍ଟାନ୍ତ ଆମକୁ ବିଶ୍ୱ ଇତିହାସରେ କୌଣସିଠାରେ ମଧ୍ୟ ଦେଖିବାକୁ ମିଳୁନାହିଁ । ଏହା ସେହି ଜିନିଷ ଯାହାକି ଆଜି ମଧ୍ୟ ପ୍ରେମ ଓ ଭଲ ପାଇବାର ପରିବେଶ ସୃଷ୍ଟି କରିପାରିବ । ଭାତୃଭାବର ପରିବେଶ ସୃଷ୍ଟି କରିପାରିବ ଏବଂ ଦାସତ୍ୱର ପ୍ରଥା ଓ ବେଡ଼ିକୁ ଖୋଲିପାରିବ ମୁକ୍ତ କରିଦେବ । ଅତଏବ ଆଜି ମଧ୍ୟ ଆମର ମୁକ୍ତିପଥ ଏଥିରେ ଅନ୍ତର୍ନିହିତ କି ଏକେଶ୍ୱରବାଦର ପ୍ରତିଷ୍ଠା ଓ ନବୀ ଶ୍ରେଷ୍ଠଙ୍କ ପ୍ରେମର ସେହି ନମୁନାଗୁଡ଼ିକୁ ପୁନଃ ପ୍ରତିଷ୍ଠା କରିବା ଅଲ୍ଲାଃ ତାଲା ଆମମାନଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ । ଏଥିପ୍ରତି ଆମକୁ ଶକ୍ତି ପ୍ରଦାନ କରନ୍ତୁ । ହଜ୍‌ରତ୍ ବିଲାଲ ର:ଅଙ୍କ ଚର୍ଚ୍ଚା ଆଜି ଏଠାରେ ଶେଷ ହେଲା ।

ବର୍ତମାନ ମୁଁ କିଛି ମୃତକଙ୍କର ଚର୍ଚ୍ଚା କରିବି ଏବଂ ସେମାନଙ୍କ ନମାଜ ଯନାଜାଃ ଗାଏବ ପାଠ କରିବି ।

ପ୍ରଥମେ ହେଲେ ମୌଲାନା ତାଲିବ୍ ୟାକୁବ ସାହେବ ପିତା ଶ୍ରୀମାନ ତୟବ୍ ୟାକୁବ୍ ସାହେବ୍ ମୁବଲିଗ୍ ସିଲ୍‌ସିଲା ତ୍ରିନିଦାଦ୍ ଆଣ୍ଡ ଟବାଗୋଙ୍କର । ଚଳିତ ମାସ ୮ ତାରିଖ ଦିନ ୬୩ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* । ଶୈଶବାସ୍ଥାରୁ ହିଁ ତାଙ୍କ ସ୍ୱଭାବ ଧର୍ମପ୍ରତି ଆନତ ଥିଲା । ବାଲ୍ୟକାଳରୁ ନମାଜ ଓ କୁର୍‌ଆନ୍ ପାଠ କରିବା ଇସ୍‌ଲାମୀୟ ପୁସ୍ତକର ଅଧ୍ୟୟନ କରିବାପ୍ରତି ତାଙ୍କର ବିଶେଷ ରୁଚି ଥିଲା । ପ୍ରାଥମିକ ଶିକ୍ଷା ହାସଲ କରିବାପରେ ତାଙ୍କୁ ବ୍ରିଟିଶ୍ ଆଶୋସିଏଶନ୍‌ରେ ଚାକିରି ମିଳିଗଲା କିନ୍ତୁ ଓ ଲେବଲ୍‌ରେ (O Level) ଉତୀର୍ଣ୍ଣ ହେବାପାରେ ୧୯୭୯ ମସିହା ଜାନୁୟାରୀ ମାସ ୧୩ ତାରିଖରେ ଧର୍ମସେବା ପ୍ରତି ମନବଳାଇ ସେ ନିଜକୁ ଉତ୍ସର୍ଗ କରି ଯାମିୟା ଅହେମଦୀୟା ରବ୍ବୁଓ୍ୱାରେ ପ୍ରବେଶ କଲେ । ସେଠାରୁ ୧୯୮୯ ରେ ଶାହିଦ୍‌ର ସ୍ନାତକ ହାସଲ କଲେ, ୧୯୮୭ ମସିହାରେ ଆପଣଙ୍କ ବିବାହ ଶ୍ରୀମତି ସାଜିଦା ସାହିନ୍

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

ସାହିବାଙ୍କ ସହ ହୋଇଥିଲା ଯିଏ କି ମିର୍ଜା ମୁନଓ୍ୱର୍ ଅହେମଦ୍ ଦର୍‌ୱେଶ୍‌ଙ୍କର କନ୍ୟା ଥିଲେ ଓ ମୁନଓ୍ୱିର୍ ଅହେମଦ୍ ସାହେବ ପୂର୍ବତନ ନାଏବ୍ ନାଜିର୍ ଆଲା କାଦିୟାନ୍ ଥିଲେ । ତାଙ୍କ ପତ୍ନୀ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସାହାବି ଭାଇ ମିର୍ଜା ବର୍‌କତେ ଅଲୀ ସାହେବଙ୍କର ନାତୁଣୀ ଥିଲେ । ତାଙ୍କୁ ସର୍ବପ୍ରଥମେ ଜାମିୟାରୁ ଉତୀର୍ଣ୍ଣ ହେବାପରେ ଆଫ୍ରିକାର ଉପଦ୍ୱୀପରେ ମୁତୟନ କରାଯାଇଥିଲା । ସେଠାରେ ସେ ୧୯୮୯ରୁ ୧୯୯୨ ମସିହା ପର୍ଯ୍ୟନ୍ତ ସେବା ସମ୍ପାଦନ କରିଥିଲେ ପୁଣି ୧୯୯୩ରୁ ୧୯୯୭ ମସିହା ପର୍ଯ୍ୟନ୍ତ ଘାନାରେ ମିଶ୍‌ନାରୀ ଇନ୍‌ଚାର୍ଜ ରୂପେ ଦାୟିତ୍ୱ ବହନ କରିଥିଲେ । ସେଠାରୁ ପୁଣି ଘାନାର ଦୁଇଟି ସ୍ଥାନ କୋଫର୍‌ଡ଼ିଓ ଏବଂ କୁମାସିରେ ମୁତୟନ ହୋଇଥିଲେ । ଦୁଇଟି ଭିନ୍ନ ଭିନ୍ନ ସ୍ଥାନ ଯେଉଁଠାରେ ସେ ୧୯୯୭ ମସିହାରୁ ୨୦୦୪ ମସିହା ପର୍ଯ୍ୟନ୍ତ ସେବା ସମ୍ପାଦନ କରିଥିଲେ । ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଅତି ସଙ୍କଟାପନ୍ନ ହୋଇଯିବାରୁ ତାଙ୍କୁ ବଦଳି କରି ତ୍ରିନିଦାଦ୍ ଦେଶକୁ କରିଦିଆଯାଇଥିଲା ଯେଉଁଠାରେ ସେ ଫ୍ରିପୋର୍ଟ ଯମାତ୍‌ରେ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ନିଜର କର୍ତବ୍ୟ ସମ୍ପାଦନ କରିଥିଲେ ।

ବିଶ୍ୱର ବିଭିନ୍ନ ଦେଶରେ ଅତ୍ୟନ୍ତ ନିଷ୍ଠାର ସହ ସେବା ସମ୍ପାଦନ କରିବା ବ୍ୟତିତ ନିଜ ଜ୍ଞାନ ଅଭିଜ୍ଞତା ମାଧ୍ୟମରେ ଇସ୍‌ଲାମିୟ ଶିକ୍ଷା ଲୋକମାନଙ୍କୁ ବାଂଟିଥିଲେ । ଯମାତ୍‌ର ପ୍ରତ୍ୟେକ ସଦସ୍ୟଙ୍କ ସହ ତାଙ୍କର ବ୍ୟକ୍ତିଗତ ସମ୍ପର୍କ ରହିଥିଲା ଏବଂ ସେମାନଙ୍କ ସହ ବିଶେଷ ଘନିଷ୍ଠତା ମଧ୍ୟ ଥିଲା । ଗତ କେତେ ବର୍ଷ ହେଲା ସେ ବୃକକ ଯନ୍ତ୍ରଣାରେ ପିଡ଼ୀତ ଥିଲେ, ପ୍ରତି ସପ୍ତାହରେ ତିନିଥର ଡ଼ାଇଲିସିସ୍ ପାଇଁ ହସ୍ପିଟାଲ ଯାଉଥିଲେ । ଏହା ସତ୍ୱେ ସେ କଦାପି ଯମାତ୍‌ର କାର୍ଯ୍ୟକ୍ରମରେ ବାଧକ ସାଜିନଥିଲେ ଅର୍ଥାତ ତାଙ୍କ ରୋଗ ଏଥିରେ ବାଧକ ସାଜିନଥିଲା ଏବଂ ସେ ଯମାତ୍‌ର ପ୍ରତ୍ୟେକ କାର୍ଯ୍ୟକ୍ରମରେ ଉପସ୍ଥିତ ହେଉଥିଲେ । ଅତ୍ୟନ୍ତ ଧର୍ମନିଷ୍ଠ ଓ ନମ୍ର, ଶିଷ୍ଟାଚାର, ଧୈର୍ଯ୍ୟବାନ, ଆଜ୍ଞାକାରୀ ସ୍ୱଭାବର ଅଧିକାରୀ ଥିଲେ । ସମସ୍ତଙ୍କ ସହ ହସ ହସ ଚେହେରା ସହିତ ସାକ୍ଷାତ କରୁଥିଲେ । ପାଂଚବେଳା ନମାଜ ପାଠ କରିବା ସହିତ ନିୟମିତ ଭାବରେ ତହ୍‌ଜୁଦ୍ ପାଠ କରିବା, ପବିତ୍ର କୁର୍‌ଆନ୍‌ର ଆବୃତି କରିବା ଏବଂ ଶୋଇବା ପୂର୍ବରୁ ଆଠ ରେକାତ୍ ନଓ୍ୱାଫିଲ୍ ପାଠ କରିବା ତାଙ୍କର ଅଭ୍ୟାସ ଥିଲା । ଯମାତୀୟ ପରମ୍ପରାର ଦୃଢ଼ତାର ସହ ପାଳନ କରୁଥିଲେ ଏବଂ ପରିବାର ବର୍ଗଙ୍କୁ ମଧ୍ୟ ଅନୁପ୍ରାଣିତ କରୁଥିଲେ । ନିଜ ପରିଜନଙ୍କ ମଧ୍ୟରେ ସମସ୍ତଙ୍କର ପ୍ରୀୟ ଥିଲେ । ସେ ନିଜ ଅନ୍ତେ ପତ୍ନୀଙ୍କ ବ୍ୟତିତ ଗୋଟିଏ ପୁତ୍ର ନାଶିର୍ ୟାକୁବ୍ ସାହେବ ଓ ଦୁଇଜଣ କନ୍ୟା ଅମିନା ୟାକୁବ୍ ଓ ଅଦିଲା ୟାକୁବଙ୍କୁ ଛାଡ଼ି ଯାଇଛନ୍ତି । ତାଙ୍କର ଦୁଇଜଣ ଭାଇ ଓ ତିନିଜଣ ଭଉଣୀ ଅଛନ୍ତି । କିଛି ତ୍ରିନିଦାଦ୍‌ରେ ତ ଆଉ କିଛି ଭାଇ ଅଷ୍ଟ୍ରେଲିଆରେ ରହୁଛନ୍ତି । ତାଙ୍କର ଜଣେ ଭାଉଜ ହେଲେନ୍ ୟକୁବ୍ ସାହିବା କୁହନ୍ତି ମୁଁ ୩୦ ବର୍ଷ ପୂର୍ବେ ବୟତ କରିଥିଲି, ମୌଲାନା ସାହେବ ଯେତେବେଳେ ତ୍ରିନିଦାଦ୍ ଆସନ୍ତି ମତେ ଧର୍ମର ନୂଆ ନୂଆ କଥା ଶିଖାନ୍ତି ଏବଂ ମୋର ଧର୍ମ ପ୍ରତି ଆଗ୍ରହ ଦେଖି ସେ ବହୁତ ଆନନ୍ଦିତ ହୁଅନ୍ତି । ତାଙ୍କର ଆଦର୍ଶକୁ ଅନୁସରଣ କରି ମୋ ପୁତ୍ର ତୟବ ୟାକୁବ ଅଲ୍ଲାଃଙ୍କ କୃପାରୁ ମୁରବୀ ହେବାର ନିଷ୍ପତି ନେଇଥିଲା ଏବଂ ବର୍ତମାନ ସେ ଜାମିୟା ଅହେମଦୀୟା କାନାଡ଼ାରେ ଦ୍ୱିତୀୟ ବର୍ଷରେ ଅଧ୍ୟୟନରତ ସେଠାକାର ଜଣେ ଡ଼ାକ୍ତର ତାଙ୍କ ଉତମ ଆଚାର ବ୍ୟବହାରରେ ପ୍ରଭାବିତ ହୋଇଥିଲେ ବରଂ କହିବାକୁ ଗଲେ ଡ଼ାକ୍ତର ନୁହେଁ ହସ୍ପିଟାଲ୍‌ର ନର୍ସ ଓ ରୋଗୀମାନେ ମଧ୍ୟ ତାଙ୍କ ଉତମ ଆଦର୍ଶ ଓ ବ୍ୟବହାରରେ ପ୍ରଭାବିତ ହୋଇଥିଲେ । ଯେତେବେଳେ ଚିକିତ୍ସାଳୟ ଭିତରେ ବସିବାକୁ ଜାଗା କମ୍ ପଡ଼ିଯାଏ, ତେବେ ଯଦି କେହି ଆସିଯାଆନ୍ତି ସେତେବେଳେ ସେ ସ୍ୱୟମ ଛିଡ଼ା ହୋଇଯାଆନ୍ତି ଏବଂ ଅନ୍ୟକୁ ବସିବାକୁ ସ୍ଥାନ ଦେଇଦିଅନ୍ତି । ଉଭୟ ରୋଗୀ ଓ ଡ଼ାକ୍ତରମାନଙ୍କ ପାଇଁ ସେ ଜଣେ ନମୁନା ଥିଲେ ଏବଂ ଲୋକମାନଙ୍କ ପାଇଁ ମଧ୍ୟ ଜଣେ ଆଦର୍ଶ ପୁରୁଷ ଥିଲେ । ସେଠାକାର ମିସ୍‌ନାରୀ ଇନ୍‌ଚାର୍ଜ ସାହେବ ଲେଖିଛନ୍ତି ବାସ୍ତବପକ୍ଷେ ସେ ଜଣେ ମୁରବୀ ଓ ମୁବ୍‌ଲିଗ୍‌ର ଗୁଣଧାରୀ ବ୍ୟକ୍ତିତ୍ୱ ଥିଲେ ଏବଂ ଖିଲାଫତ୍‌ର ଆଜ୍ଞାକାରୀ ହେବାର ସେ ସର୍ବଦା ଆଗରେ ରହୁଥିଲେ । ନିଜ ଉଚ୍ଚ ଅଧିକାରୀମାନଙ୍କ କଥା ମାନିବା ଏବଂ ଯେଉଁ କାର୍ଯ୍ୟ ତାଙ୍କୁ ଦିଆଯାଉଥିଲା ତାହାର ପୂର୍ଣ୍ଣ ରୂପେ ସମ୍ପାଦନ କରିବାକୁ ଚେଷ୍ଟା କରୁଥିଲେ । ସେ ଅଲ୍ଲାଃ ତାଲାଙ୍କୁ, ତାହାଙ୍କ ରସୁଲ ହଜୁର ସ:ଆ:ସ ଏବଂ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କୁ ଅଶେଷ ଭଲ ପାଉଥିଲେ । ପବିତ୍ର କୋରାନ୍‌ର ଅଧ୍ୟୟନ ଓ ନମାଜ, ତହଜୁଦ ଆଦି ନିୟମିତ ଭାବରେ ପାଠ କରୁଥିଲେ ।

କାସିଦ୍ ଓଡ଼ାଇଚ୍ ସାହେବ ମୁରବୀ ସିଲ୍‌ସିଲା ତ୍ରିନିଦାଦ୍ କୁହନ୍ତି ମୋର ଯେତେବେଳେ ସେଠାରେ ପୋଷ୍ଟିଙ୍ଗ ହେଲା ସେତେବେଳେ ମୌଲାନା ସାହେବ ଅସୁସ୍ଥ ଓ ଦୁର୍ବଳ ହୋଇଯାଇଥିଲେ, ବୟସ ମଧ୍ୟ ବେଶ୍ ବଢ଼ି ଯାଇଥିଲା । ତଥାପି ସେ ନିଜ ପତ୍ନୀ ଓ ଦୁଇ ପୁତ୍ର ସହିତ ପଚାଶ ମାଇଲର ଦୂରତା ଅତିକ୍ରମ କରି ମତେ ସାକ୍ଷାତ କରିବା ପାଇଁ ପହଂଚିଲେ ଏବଂ ବହୁତ ସ୍ନେହ ଓ ଆଦର ପ୍ରଦର୍ଶନ କରିଥିଲେ । ପରେ ମଧ ପ୍ରତ୍ୟେକ ଦୁଇ ତିନିଦିନ ବ୍ୟବଧାନରେ ଫୋନ କରି ଅବା ମେସେଜ୍ କରି ମୋର ଖବର ବୁଝୁଥିଲେ କି ନୂଆ ନୂଆ ଏଠାକୁ ଆସିଛ ତୁମର ଆବଶ୍ୟକତା ରହିଥିବ ସେହିପରି ଅତି ମହତ୍ୱ ପୂର୍ଣ୍ଣ ଉପଦେଶ ମଧ୍ୟ ଦେଉଥିଲେ । ନିଜ ସନ୍ତାନ ପରିକା ମତେ ବୁଝାଉଥିଲେ । ପ୍ରତ୍ୟେକ ଛୋଟ ବଡ଼କୁ ସ୍ନେହ, ଆଦର କରିବା, ଖିଲାଫତ ସହ ନିଜ ସମ୍ପର୍କକୁ ଘନିଷ୍ଠ କରିବା, ହଜୁରଙ୍କ ନିକଟକୁ ଦୁଆ ପାଇଁ ପତ୍ର ଲେଖିବାପାଇଁ ମଧ୍ୟ ମୋର ଧ୍ୟାନ କେନ୍ଦ୍ରିତ କରୁଥିଲେ । ତାଙ୍କ ପୁତ୍ରୀ ମଧ୍ୟ ଲେଖିଛନ୍ତି ଯେ ମୋ ବାପା ମତେ ସର୍ବଦା କହୁଥିଲେ କି ପରୀକ୍ଷା ପୂର୍ବରୁ ତଥା ଯେ କୌଣସି କାର୍ଯ୍ୟ କରିବାପାଇଁ ହଜୁରଙ୍କ ନିକଟକୁ ଦୁଆ ର ପତ୍ର ଲେଖିବ ଦୁଆ କରିବା ପାଇଁ ଦରଖାସ୍ତ କରିବ । ସେଠାରେ ଜଣେ ଅହେମଦୀ ଅଛନ୍ତି ଶ୍ରୀମାନ ମୁନିର୍ ଇବ୍ରାହିମ୍ ସାହେବ୍, ସେ କୁହନ୍ତି ଯେତେବେଳେ ଆମେ ପ୍ରଚାର ପାଇଁ ବାହାରୁ ସେତେବେଳେ ମୌଲାନା ସାହେବ ହାଜର ହୋଇଯାଆନ୍ତି ଏବଂ କାର୍ଯ୍ୟକୁ ବାଂଟିଦେଇ କୁହନ୍ତି ତୁମେ ଉତର ଦିଗକୁ ଯାଅ ମୁଁ ଦକ୍ଷିଣ ଦିଗକୁ ଯାଉଛି ଯଦ୍ୱାରା ଅଧିକରୁ ଅଧିକ ଲୋକଙ୍କୁ ଆମେ ଅହେମଦୀୟତର ବାର୍ତା ପହଂଚାଇ ପାରିବା । ସର୍ବଦା ତାଙ୍କ ଚେହେରାରେ ସ୍ମିତ ହାସ୍ୟ ଝଲକୁ ଥିଲା । ତାଙ୍କ ସାଥିରେ କାମ କରୁଥିବା ଲୋକମାନେ ଓ ମୁରବୀମାନେ ମଧ୍ୟ ଏହି ସମାନ କଥା କହିଛନ୍ତି ଯେ ଯମାତ୍‌ର ଉନ୍ନତି ପାଇଁ ଓ ପ୍ରଚାର ପ୍ରସାରରେ ଯେ କେହି ସାମାନ୍ୟତମ କାର୍ଯ୍ୟ କଲେ ମଧ୍ୟ ସେ ତାହାଙ୍କ ଉପରେ ବହୁତ ଆନନ୍ଦିତ ଓ ପ୍ରସନ୍ନିତ ହେଉଥିଲେ ଏବଂ ତାହାକୁ ପ୍ରୋତ୍ସାହିତ ଓ ଅନୁପ୍ରାଣିତ କରୁଥିଲେ । ପଢ଼ିବା ସମୟରୁ ହିଁ ଯଦି ଦୁଇ ବନ୍ଧୁ ମଧ୍ୟରେ କିଛି ମନମାଳିନ୍ୟ ଉପୁଜେ ତେବେ ସେମାନଙ୍କୁ ସେ ମିଳାମିଶା କରିଦେବା ସହିତ ଏହି କଥା କହୁଥିଲେ କି ଆମେ ଅହେମଦୀ ତେଣୁ ପରସ୍ପର ମଧ୍ୟରେ ମନମାଳିନ୍ୟତା ରହିବା ଉଚିତ ନୁହେଁ । ସମସ୍ତେ ଏହି କଥା ଲେଖିଛନ୍ତି ଏବଂ ମୁଁ ମଧ୍ୟ ତାହା ଦେଖିଛି ଯେ ସର୍ବଦା ତାଙ୍କ ଚେହେରାରେ ସ୍ମିତହାସ୍ୟ ଝଲକୁ ଥିଲା, ଖିଲାଫତ ସହ ଅଗାଢ଼ ପ୍ରେମ ଓ ବିଶ୍ୱସ୍ତତାର ସମ୍ପର୍କ ରହିଥିଲା । ଯେପରି ମୁଁ କହିଲି ତାଙ୍କ ସନ୍ତାନମାନେ ମଧ୍ୟ କୁହନ୍ତି କି ଆମକୁ ଖିଲାଫତ ସହ ଯୋଡ଼ି ହୋଇ ରହିବାପାଇଁ ସର୍ବଦା ପତ୍ର ଲେଖିବାକୁ ଅନୁପ୍ରାଣିତ କରୁଥିଲେ ।

ଜଣେ ନବାଗତ ଅହେମଦୀ ନାଶିର୍ ସାହେବ କୁହନ୍ତି କି ମୁଁ ବିଭିନ୍ନ ଅଣଅହେମଦୀ ମସଜିଦରେ ଯାଇ ବାସ୍ତବିକ ଇସ୍‌ଲାମ୍‌ର ଛବି ଖୋଜିଥାଏ କିନ୍ତୁ ଯେତେବେଳେ ମୁଁ ମୌଲବୀ ତାଲିବ୍ ସାହେବଙ୍କ ସହ ସାକ୍ଷାତ କଲି ଏବଂ ତାଙ୍କ ପ୍ରମାଣଭିତିକ ତଥ୍ୟ ଶୁଣିଲି ସେତେବେଳେ ମୋର ମନମସ୍ତିଷ୍କ ଉପରେ ଏକ ଯୁଗାତ୍ମକ ପ୍ରଭାବ ପଡ଼ିଲା ଏବଂ ସେହି କାରଣରୁ ମୁଁ ବୟତ ମଧ୍ୟ କରିନେଲି ଅତଏବ ମୌଲବି ତାଲିବ୍ ସାହେବ ନିଜ ଓ୍ୱକ୍‌ଫ୍ ହେବା କାର୍ଯ୍ୟକୁ ପୂର୍ଣ୍ଣ ଖୋଲାମନର ସହ ସମ୍ପାଦନ କରିଛନ୍ତି ଏବଂ କୌଣସି ପ୍ରକାର ବାହାନା କଦାପି କରିନାହାନ୍ତି ସେ ଏହା ହିଁ କହୁଥିଲେ ଯେ ଉପସ୍ଥିତ ଖଲିଫା ଯେଉଁ ସ୍ଥାନରେ ଲଗାଇବେ ସେଠାରେ କର୍ତବ୍ୟ ସମ୍ପାଦନ କରିବି । ଯଦି ପାକିସ୍ତାନରେ ଲଗାନ୍ତି ତେବେ ସେଠାରେ ସେବା କରିବାପାଇଁ ପ୍ରସ୍ତୁତ ଅଛି । ବାସ୍ତବ ପକ୍ଷେ ପାକିସ୍ତାନରେ ରହିବା ପ୍ରର୍ଯ୍ୟାୟରେ ସେ ପଞ୍ଜାବୀ ଶିଖିବା ଆରମ୍ଭ କରିଦେଇଥିଲେ କାରଣ ଯଦି ତାଙ୍କୁ ସେଠାରେ ମୁତୟନ କରିଦିଆଯାଏ ତେବ ସେଠାରେ ରହୁଥିବା ପଞ୍ଜାବୀ ଲୋକମାନଙ୍କ ସହ ସମ୍ପର୍କ ସ୍ଥାପନ କରିବା ସହଜ ହେବ । ଅଲ୍ଲାଃ ତାଲା ମୃତକଙ୍କ ସହ ଦୟା ଓ କ୍ଷମା ଆଚରଣ କରନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନିତ କରନ୍ତୁ ଏବଂ ତାଙ୍କ ସନ୍ତାନସନ୍ତତିମାନଙ୍କୁ ମଧ୍ୟ ତାଙ୍କ ପୂଣ୍ୟକର୍ମ ଗୁଡ଼ିକୁ ଅବ୍ୟାହତ ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ ତଥା ଶାନ୍ତି ପ୍ରଦାନ କରନ୍ତୁ ।

ଦ୍ୱିତୀୟ ଯନାଜାଃ ଶ୍ରୀମାନ ଇଞ୍ଜିନିୟର ଇଫ୍‌ତିଖାର ଅଲି କୁରୈଶି ସାହେବଙ୍କର ଯିଏକି ପୂର୍ବତନ ଓ୍ୱକିଲୁଲ୍ ମାଲ୍ ସାଲିସ୍ ଓ ଅତିରିକ୍ତ ସଦର ମଜ୍‌ଲିସ୍ ତେହେରିକ୍ ଜଦିଦ୍ ରବୁଓ୍ୱା ଥିଲେ । ତାଙ୍କୁ ଅଲ୍ଲାଃ ତାଲା ବେଶ୍ ଦୀର୍ଘ ଜୀବ ପ୍ରଦାନ କରିଥିଲେ । ସେ ଜୁନ୍ ମାସ ୩ ତାରିଖ ଦିନ ୯୯ ବର୍ଷ ବୟସରେ ଦେହ ତ୍ୟାଗ କଲେ, *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* । ଇଫ୍‌ତିଖାର ସାହେବଙ୍କ ପିତା ମୁମ୍‌ତାଜ୍ କୁରୈଶି ସାହେବ ଥିଲେ, ସେ ଜଣେ ଭେଟେନାରୀ ଡ଼ାକ୍ତର ଥିଲେ । ଇଫ୍‌ତିଗାର ସାହେବ ମେରଠ ଭାରତରେ ଜନ୍ମଗ୍ରହଣ କରିଥିଲେ ଏବଂ ନିଜ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ସେହିଠାରୁ ହିଁ ହାସଲ କରିଥିଲେ ଅର୍ଥାତ ମେରଠରୁ ପୁଣି ଥୋମାସ୍ ଇଞ୍ଜିନିୟରିଂ କଲେଜ୍ ରୁଡ଼୍‌କିରେ ନାମ ଲେଖାଇଲେ । ତାହା ଏବେ ୟୁନିଭର୍‌ସିଟି ହୋଇଯାଇଛି ସେଠାରୁ ସେ ୧୯୪୪ ମସିହାରେ ସିଭିଲ୍ ଇଞ୍ଜିନିୟର ଗ୍ରାଜୁଏଶନ୍ ପାଶ୍ କଲେ । ଶିକ୍ଷା ହାସଲ କରିବା ସମୟରେ ହିଁ ଯମାତ୍ ଅହେମଦୀୟାରେ ଅନ୍ତର୍ଭୁକ୍ତ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ସେତେବେଳେ ତାଙ୍କର ପିତା ଅହେମଦୀ ହୋଇନଥିଲେ । ସେ ସ୍ୱୟମ ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ପୁସ୍ତକ ପଢ଼ି ଓ ପରୀକ୍ଷା ନିରିକ୍ଷା କରି ବୟତ କରିଥିଲେ । ତାଙ୍କ ନିକଟରେ ଅହେମଦୀୟତର ବାର୍ତା ତାଙ୍କ ଫୁଫା ମୁଖ୍‌ତାର୍ କୁରୈଶି ସାହେବଙ୍କ ଦ୍ୱାରା ପହଂଚିଥିଲା । ସେ ସେତେବେଳେ ନିଜ ବଡ଼ବାପା ତରାବ୍ ଅଲୀ ସାହେବଙ୍କ ନିକଟରେ ରହୁଥିଲେ ଓ ସେଠାରେ ଶିକ୍ଷା ହାସଲ କରିବାପାଇଁ ତାଙ୍କ ନିକଟରେ ରହୁଥିଲେ । ଯଦିଚ ସେ ପର୍ଯ୍ୟନ୍ତ ତରାବି ଅଲୀ ସାହେବ ଅହେମଦୀ ନଥିଲେ କିନ୍ତୁ ଇଫ୍‌ତିଖାର ସାହେବଙ୍କ ଫୁଫା ମୁଖ୍‌ତାର କୁରୈଶି ସାହେବ୍ ନିଜ ପିତାଙ୍କ ସାଥିରେ ଅଧିକାଂଶ ସମୟରେ

ସରାବା ଗ୍ରାମ ମେରଠକୁ ଆସୁଥିଲେ । ତାଙ୍କଠାରୁ ତାଙ୍କୁ ଅହେମଦୀୟତ ର ପ୍ରତ୍ରିକା ମିଳିଯାଉଥିଲା ଏବଂ ସେତେବେଳେ ଯମାତ୍ ମଧ୍ୟ ଛୋଟ ଛୋଟ ପତ୍ରିକା ପ୍ରକାଶ କରୁଥିଲା । ସେ ସମସ୍ତ ପତ୍ରିକାକୁ ଇଫ୍‌ତିଖାର ସାହେବ ଯାତ୍ରା ସମୟରେ ଅଧ୍ୟୟନ କରିନେଉଥିଲେ । ତା'ପରେ ତାହାକୁ ନିଜ ପିତାଙ୍କୁ ଦେଇ ଦଉଥିଲେ । ଯେତେବେଳେ ସେ ଥୋମାସ୍ ବିଶ୍ୱବିଦ୍ୟାଳୟରେ ପ୍ରବେଶ ହେଲେ ସେତେବେଳେ ତାଙ୍କ ଫୁଫା ନିୟମିତ ଭାବରେ ଅହେମଦୀୟତର ବାର୍ତା ସମ୍ବନ୍ଧିୟ ପତ୍ର ପ୍ରେରଣ କରୁଥିଲେ । ଇଫ୍‌ତିଖାର ସାହେବ ମଧ୍ୟ ତାହାର ବିସ୍ତାର ଉତର ପ୍ରେରଣ କରୁଥିଲେ । ସେତେବେଳେ ତାଙ୍କୁ ନମାଜ, ତହ୍‌ଜୁଦ୍ ପାଠ କରିବା ଓ ବେଶ୍ ଦୁଆ କରିବାର ଅବସର ମିଳିଥିଲା । କିନ୍ତୁ ମନ ବିଚଳିତ ଓ ବ୍ୟଗ୍ର ଥିଲା ଯାହାକି ଏକଦା ସେ ଦ୍ୱିତୀୟ ଖଲିଫାଙ୍କୁ ଅବଗତ କରିଥିଲେ ଏବଂ ହଜୁରଙ୍କୁ କିଛି ପ୍ରଶ୍ନ ମଧ୍ୟ ପଚାରିଥିଲେ । ପ୍ରତିଉତରରେ ହଜୁର ଖଲିଫା ସାନି ଲେଖିଥିଲେ, ଆପଣଙ୍କ ପ୍ରଶ୍ନ ସଂକ୍ଷିପ୍ତ କିନ୍ତୁ ଉପଯୁକ୍ତ ଅଟେ । ତାହାର ଉତର ପତ୍ର ଆକାରରେ ଦେବା କଷ୍ଟସାଧ ତେଣୁ ଆପଣ ମୋର ଅମୁକ ପୁସ୍ତକର ଅଧ୍ୟୟନ କରନ୍ତୁ । ଅତଏବ ସେ ଉକ୍ତ ପୁସ୍ତକ ନିଜ ଫୁଫାଙ୍କଠାରୁ ସଂଗ୍ରହ କଲେ ଏବଂ ଅଧ୍ୟୟନ କରିବା ଆରମ୍ଭ କଲେ ଏବଂ ଯେଉଳି ପୁସ୍ତକର ଅଧ୍ୟୟନ କଲେ ନିଜ ପ୍ରଶ୍ନର ଉତର ତାଙ୍କୁ ମିଳିଚାଲିଥିଲା । ସୁତରାଂ ୧୯୪୧ ମସିହା ନଭେମ୍ବର ମାସରେ ସେ ପତ୍ର ମାଧ୍ମରେ ବୟତ କରି ଯମାତ୍ ଅହେମଦୀୟାରେ ଅନ୍ତର୍ଭୁକ୍ତ ହୋଇଥିଲେ । ୧୯୪୨ ମସିହାରେ କାଦିୟାନ ଜଲ୍‌ସାରେ ଯୋଗ ଦେଲେ ଏବଂ କାଦିୟାନର ପରିବେଶ ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା । ଦ୍ୱିତୀୟ ଖଲିଫାଙ୍କ ଭାଷଣକୁ ବେଶ୍ ମନଯୋଗର ସହ ଶୁଣିଥିଲେ । ପୁନଶ୍ଚ ହଜୁରଙ୍କ ହସ୍ତରେ ବୟତ କରିବାର ମଧ୍ୟ ତାଙ୍କୁ ସୌଭାଗ୍ୟ ଅର୍ଜନ ହୋଇଥିଲା । ପ୍ରତିବର୍ଷ କାଦିୟାନ ଜଲ୍‌ସାରେ ଯୋଗ ଦେଉଥିଲେ । ଦ୍ୱିତୀୟ ଖଲିଫାଙ୍କ ସହ ସାକ୍ଷାତ କରିବାର ସୌଭାଗ୍ୟ ଲାଭ ମଧ୍ୟ କରିଥିଲେ । ସେତେବେଳେ ତାଙ୍କ ମନରେ ଯାହା ପ୍ରଶ୍ନ ଉଠୁଥିଲା ତାହା ସେ ହଜୁରଙ୍କୁ ପଚାରି ନେଉଥିଲେ ଓ ଆସ୍ଥା ଓ ବିଶ୍ୱାସବର୍ଦ୍ଧକ ଉତର ଶୁଣି ଘରକୁ ପ୍ରତ୍ୟାବର୍ତନ କରୁଥିଲେ । ସେ ଭାରତରେ ହିଁ ସରକାରୀ ଚାକିରି କରିବା ଆରମ୍ଭ କରିଦେଇଥିଲେ । ଦେଶ ବିଭାଜନ ପରେ ସେ ପାକିସ୍ତାନ ଚାଲିଯାଇଥିଲେ ଓ ସେଠାରେ କାମ କରିଥିଲେ । ୧୯୫୧ ମସିହାରେ ହିଜ୍‌ରତ୍ କରି ପାକିସ୍ତାନର ଜଳସେଚନ ଓ ଶକ୍ତି ବିଭାଗରେ ଚାକିରି କରିଥିଲେ, ସରକାରୀ ଚାକିରି ସମୟରେ ଅନେକ ସହରକୁ ତାଙ୍କର ବଦଳି ହୋଇଥିଲା । ଯେଉଁଠାରେ ସେ ବେଶ୍ ନିଷ୍ଠାର ସହ ନିଜ କର୍ତବ୍ୟ ସମ୍ପାଦନ କରିଥିଲେ । ସେ ମୁଖ୍ୟ ଅର୍ଥାତ ଚିଫ୍ ଯନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିଲେ ବରଂ ଏକ ସମୟରେ ସେ ପଞ୍ଜାବ ସରକାରଙ୍କ ସେକ୍ରେଟାରୀର କାର୍ଯ୍ୟଭାର ବହନ କରିଥିଲେ । ସେକ୍ରେଟାରୀ ପଦ ପର୍ଯ୍ୟନ୍ତ ଉନ୍ନତି ଲାଭ କରିଥିଲେ । ଅତ୍ୟନ୍ତ ମର୍ଯ୍ୟାଦା ସମ୍ପନ୍ନ ଓ ଉଚ୍ଚ ପଦସ୍ଥ ଅଧିକାରୀ ଏବଂ ନିଜ ମାତୃଭୂମି ପାକିସ୍ତାନର ସେବା କରିବାର ସୌଭାଗ୍ୟ ଲାଭ କରିଥିଲେ । ୧୯୮୩ ମସିହାରେ ଅବସର ନେବାପରେ ନିଜକୁ ସେ ୱ୍କଫ କରି ଦେଇଥିଲେ । ୧୯୮୦ ମସିହାରେ ଯେତେବେଳେ ତୃତୀୟ ଖଲିଫା ସ୍ୱେନ ଗସ୍ତ କରି ରବୁଓ୍ୱାରେ ପହଂଚିଲେ, ସେତେବେଳେ International Association of Ahemadiya Arctitectecs and Engineers ଅନୁଷ୍ଠାନ ସ୍ଥାପନ କଲେ ଏବଂ ସେତେବେଳେ ଏହି ଇଫ୍‌ତିଖାର ସାହେବଙ୍କୁ ହଜୁର ତାହାର ପ୍ରଥମ ଅଧ୍ୟକ୍ଷ ଭାବେ ମୁତୟନ କରିଥିଲେ । ସେତେବେଳେ ସେ ଚିଫ୍ ଇଞ୍ଜିନିୟର ପଦରେ ଅଧିଷ୍ଠିତ ଥିଲେ ପୁଣି ପରେ ରିଟାଏଡ଼୍ ହେଲେ ଓ ନିଜକୁ ୱ୍କଫ କଲେ । ତାଙ୍କ ୱ୍କଫକୁ ହଜୁର ସ୍ୱୀକାର କରି ୧୯୮୩ ମସିହାରେ ତାଙ୍କୁ ୱ୍କିଲୁଲ୍ ମାଲ୍ ତୃତୀୟ ତହ୍‌ରିକ୍ ଜଦିଦ୍ ଦାୟିତ୍ୱଭାର ପ୍ରଦାନ କରିଥିଲେ । ୧୯୮୦ କ୍ରମାଗତ ଭାବରେ ସେ ମନନ୍ୱିତ ହୋଇଚାଲିଥିଲେ ଏବଂ ପାଖାପାଖି ୨୫ ବର୍ଷ ପର୍ଯ୍ୟନ୍ତ ଆସୋସିଏସନ୍‌ର ସଦର ଓ କେନ୍ଦ୍ରୀୟ ଅଧ୍ୟକ୍ଷ ରହିଥିଲେ । ଚତୁର୍ଥ ଖଲିଫାଙ୍କ ସମୟ କାଳରେ ମଧ୍ୟ ତାଙ୍କୁ ଅନେକ କାର୍ଯ୍ୟ ସମ୍ପାଦନ କରିବାର ସୌଭାଗ୍ୟ ଲାଭ ହୋଇଥିଲା । ବଇତୁଲ୍ ହମ୍‌ଦ କ୍ୱାର୍ଟର୍ସ ନିର୍ମାଣ କରିବା ତଥା ରବୁଓ୍ୱାରେ ଯମାତର ବିଭିନ୍ନ ଅଟ୍ଟାଳିକା ନିର୍ମାଣ କରିବାରେ ତାଙ୍କର ଅବଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା । ନିର୍ମାଣ ବିଭାଗର ପ୍ରମୁଖ ଥିଲେ । ବିଭିନ୍ନ ପ୍ରୋଜେକ୍ଟସ ଯେପିର ଫଜ୍‌ଲେ ଉମର୍ ହସ୍ପିଟାଲ୍, ଯାମିୟା ଅହେମଦୀୟା, ଖିଲାଫତ୍ ଲାଇବ୍ରେରି ଆଦି ନିର୍ମାଣ କରିବାରେ ଏବଂ ଏହି ଫଜ୍‌ଲେ ଉମର ଫାଉଣ୍ଡେସନର ଡ଼ାଇରେକ୍ଟର ଭାବରେ ସେବା କରିବାର ମଧ୍ୟ ସୌଭାଗ୍ୟ ଅର୍ଜନ କରିଛନ୍ତି । ୨୦୦୭ ମସିହାରେ ମୁଁ ତାଙ୍କୁ ଅତିରିକ୍ତ ସଦର ମଜ୍‌ଲିସ୍ ତହ୍‌ରିକ ଜଦିଦ୍ ମନୋନୀତ କରିଥିଲି । ଏହି ଦାୟିତ୍ୱ ମଧ୍ୟ ବେଶ୍ ବିଶ୍ୱସ୍ଥ ଓ ପରିଶ୍ରମର ସହ ସେ ସମ୍ପାଦନ କରିଥିଲେ । ସେ ଚାରିଜଣ ଖଲିଫାଙ୍କ ସମୟ କାଳ ଦେଖିଛନ୍ତି ଏବଂ ପ୍ରତ୍ୟେକ ସ୍ଥଳେ ଜଣେ ଆଜ୍ଞାକାରୀ ଓ ସ୍ନେହ ଆଦରକାରୀ ଭାବରେ ପ୍ରମାଣିତ ହୋଇଛନ୍ତି । ଅତି ଶାନ୍ତ ଓ ନିରବ ସ୍ୱାଭବ ବ୍ୟକ୍ତି ଥିଲେ । ସର୍ବଦା ନିଜ କାମରେ ନିୟୋଜିତ ରହିବା ତାଙ୍କର ବିଶେଷ ଗୁଣ ଥିଲା । ଜଣେ ୱ୍କିଫେ ଜିନ୍ଦେଗୀ ଭାବରେ ସେ ୩୭ ବର୍ଷ କାଳ ସେବା ସମ୍ପାଦନ କରିଛନ୍ତି ଏବଂ ନିଃସ୍ୱାର୍ଥପର ଭାବରେ ସେବା କରିଛନ୍ତି ଅଲ୍ଲାଃ ତାଙ୍କୁ ଦୁଇଟି ପୁତ୍ର ଓ ତିନୋଟି ପୁତ୍ରୀ ସନ୍ତାନ ପ୍ରଦାନ କରିଥିଲେ । ଗୋଟିଏ ପୁତ୍ର ଆର୍କିଟେକ୍ଟ ଓ ଜଣେ କନ୍ୟା ଡ଼ାକ୍ତରି ହୋଇ ନିଜ କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି । ଅଲ୍ଲାଃ ତାଲା ତାଙ୍କ ସହ କ୍ଷମା ଆଚରଣ କରନ୍ତୁ ଏବଂ ତାଙ୍କ ସନ୍ତାନସନ୍ତତିମାନଙ୍କୁ ମଧ୍ୟ ତାଙ୍କ ପୂଣ୍ୟକର୍ମ ଗୁଡ଼ିକୁ ଅଭ୍ୟାହତ ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ ତଥା ଶାନ୍ତି ପ୍ରଦାନ କରନ୍ତୁ ।

ତୃତୀୟ ଯନାଜାଃ ହେଉଛି ରଜିୟା ସୁଲ୍‌ତାନା ସାହିବାଙ୍କର ଯେ, ମୌଲବୀ ହକିମ୍ ଖୁର୍‌ଶିଦ୍ ଅହେମଦ୍ ସାହେବଙ୍କର ପତ୍ନୀ ଥିଲେ । ୮୧ ବର୍ଷ ବୟସରେ ସେ ଇହଧାମ ତ୍ୟାଗ କଲେ, *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।* ମୃତକ ଶେଖୁଲ୍ଲାଃ ବଖ୍‌ଶ୍ ସାହେବ ସାହାବି ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ପୁତ୍ରୀ ଥିଲେ, ଯୁବାବସ୍ଥାରେ ହିଁ ନମାଜ, ରୋଜା ଆଦି ନିୟମିତ ଭାବରେ ପାଳନ କରୁଥିଲେ । ସାରା ଜୀବନ ଅତି ସାଧାରଣ ଜୀବନଯାପନ କରି ଓ ନମ୍ରତାର ସହ ଅତିବାହିତ କରିଛନ୍ତି । ତାଙ୍କ ସ୍ୱାମୀ ସଦର ଉମୁମି ଭାବରେ ସେବା ସମ୍ପାଦନ କରିଛନ୍ତି । ସେହି ପ୍ରର୍ଯ୍ୟାୟରେ ଆପଣଙ୍କ ଘରେ ଇଜ୍‌ଲାସାତ୍ ଓ ମିଟିଙ୍ଗ ମଧ୍ୟ ହୁଏ । ସେତେବେଳେ ଉପସ୍ଥିତ ଅତିଥିମାନଙ୍କର ଅତିଥି ସତ୍କାର କରିବା ତାଙ୍କର ଦାୟିତ୍ୱ ଥିଲା । ୧୯୮୪ ମସିହାରେ ମୌଲବୀ ସାହେବଙ୍କୁ ଅଢ଼େଇବର୍ଷ କାଳ ଅଲ୍ଲାଃଙ୍କ ମାର୍ଗରେ କାରାବରଣ ଭୋଗ କରିବାକୁ ପଡ଼ିଥିଲା । ସେହି କଷ୍ଟକର ସମୟରେ ଇଏ ବେଶ୍ ସାହାସ ଓ ଧୈର୍ଯ୍ୟର ସହ ଅତିବାହିତ କରିଥିଲେ ଏବଂ ପ୍ରତିଦିନ କାରାଗାରରେ ଥିବା ଅନେକ ଲୋକମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରି ନେଇ ସେଠାରେ ପହଂଚାଉଥିଲେ ଏବଂ ବେଶ୍ ନୀରବତାର ସହ ପୂଣ୍ୟ କର୍ମରେ ନିୟୋଜିତ ରହୁଥିଲେ । ଅନେକ ଅଭାବି ଗରୀବ ପିଲାମାନଙ୍କ ବିବାହ କରାଇବା ସହିତ ଅନେକ ପିଲାମାନଙ୍କୁ ଲାଳନପାଳନ ମଧ୍ୟ କରିଥିଲେ । ଆପଣା ଓ ପର ସମସ୍ତଙ୍କ ସହ ସମ୍ପର୍କ ରଖୁଥିଲେ, ସମସ୍ତଙ୍କ ସହ କଥାଭାଷା ହେବା, ସମସ୍ତଙ୍କୁ ସ୍ନେହ ଆଦର କରିବା ତାଙ୍କର ବିଶେଷଗୁଣ ଥିଲା । ଅଲ୍ଲାଃ ତାଲା ତାଙ୍କ ସହ ସଦୟ ହୁଅନ୍ତୁ ଏବଂ ତାଙ୍କ ସନ୍ତାନସନ୍ତତିମାନଙ୍କୁ ମଧ୍ୟ ତାଙ୍କ ପୂଣ୍ୟକର୍ମ ଗୁଡ଼ିକୁ ଅଭ୍ୟାହତ ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ ତଥା ଶାନ୍ତି ପ୍ରଦାନ କରନ୍ତୁ ।

ପରବର୍ତୀ ଯନାଜାଃ ଶ୍ରୀମାନ ମୁହମ୍ମଦ ତାହେରେ ଅହ୍‌ମଦ୍ ସାହେବ, ପିତା ମୁହମ୍ମଦ ମନ୍‌ସୁର୍ ଅହେମଦ୍ ସାହେବ ଅତିରିକ୍ତ ନାଜିର୍ ବଇତୁଲ୍ ମାଲ୍ କାଦିୟାନଙ୍କର ଅଟେ । ଯିଏ ମଇ ମାସ ୨୮ ତାରିଖ ଦିନ କ୍ୟାନସର ରୋଗରେ ପୀଡ଼ିତ ହୋଇ ୫୭ ବର୍ଷ ବୟସରେ ନୂର ହସ୍ପିଟାଲରେ ଶେଷ ନିସ୍ୱାଶ ତ୍ୟାଗ କଲେ, *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।* ମୃତକ ହାଇଦ୍ରାବାଦର ନିବାସୀ ଥିଲେ, ଯାମିୟା ଅହେମଦୀୟା କାଦିୟାନରୁ ଉତୀର୍ଣ୍ଣ ହେବାପରେ ୧୯୮୯ ମସିହା ସେପ୍ଟେମ୍ବର ମାସରୁ ନିଜର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଅର୍ଥାତ ୨୦୨୦ ମସିହା ପର୍ଯ୍ୟନ୍ତ ଦୀର୍ଘ ୩୧ ବର୍ଷ କାଳ ବିଭିନ୍ନ ବିଭାଗରେ ସେବା ସମ୍ପାଦନ କରିଥିଲେ । ଅର୍ଥାତ ସମ୍ପୁର୍ଣ୍ଣ ପ୍ରର୍ଯ୍ୟାୟ ଅର୍ଥବିଭାଗରେ ସେବା ସମ୍ପାଦନ କରିଛନ୍ତି । ବଇତୁଲ୍ ମାଲ୍ ଆମଦ୍‌ରେ ୭ ମାସ, ନଜାରତ୍ ମାଲ୍ ୱ୍କଫେ ଯଦିଦ୍‌ରେ ୯ ବର୍ଷ କାଳ ଇନ୍ସପେକ୍ଟର ବଇତୁଲ୍ ମାଲ୍ ଭାବରେ ସେବା ସମ୍ପାଦନ କରିଛନ୍ତି । ସେଥିଅନ୍ତେ ନାଏବ ନାଜିମ୍ ମାଲ୍ ୱ୍କଫେ ଜଦିଦ ୩ ବର୍ଷ କାଳ, ନାଜିମ୍ ମାଲ୍ ୮ ବର୍ଷ ଓ ନାଏବ୍ ନାଜିର୍ ବଇତୁଲ୍ ମାଲ୍ ୨ ବର୍ଷ ସେବା କରିବାର ସୌଭାଗ୍ୟ ଲାଭ କରିଛନ୍ତି । ଅତ୍ୟନ୍ତ ନିଷ୍ଠାପର, ସାଧା ସରଳ, ବିନମ୍ର, ସହନାଭୁତିପୂର୍ଣ୍ଣ ମଣିଷଟିଏ ଥିଲେ । ଭାରତର ଦୂରଦୂରାନ୍ତ ଅଂଚଳର ଗସ୍ତ କରୁଥିଲେ, ଲୋକମାନଙ୍କୁ ଅର୍ଥ ଦାନ କରିବାପ୍ରତି ଉତ୍ସାହିତ ଓ ଅବଗତ କରାଉଥିଲେ । ସେମାନଙ୍କୁ ଅର୍ଥଦାନ ବିଭାଗରେ ସାମିଲ କରିବାକୁ ଅନୁପ୍ରାଣିତ କରୁଥିଲେ । ଯଦ୍ୱାରା ୱ୍କଫେ ଯଦିଦ୍‌ର ବଜେଟ୍ ବେଶ୍ ବୃଦ୍ଧି ପାଇଥିଲା । ସେ ମୁସିଥିଲେ ନିଜ ଅନ୍ଦେ ନିଜର ବୃଦ୍ଧ ମାତା ପିତାଙ୍କ ବ୍ୟତିତ ପତ୍ନୀ ଓ ଦୁଇଜଣ ପୁତ୍ର ସନ୍ତାନ ଛାଡ଼ି ଯାଇଛନ୍ତି । ମୃତକ ଶ୍ରୀମାନ କରିମୁଦ୍ଦିନ୍ ସାହାବ ଶାହିଦ୍ ସଦର କଜାବୋର୍ଡ଼ଙ୍କର ଜ୍ୟେଷ୍ଠ ଯମାତା ଥିଲେ ଓ ଇନାମ୍ ଗୌରୀ ସାହେବଙ୍କ ନାଜିରେ ଆଲା କାଦିଆନ୍‌ଙ୍କର ମାମୁଁ ପୁଅ ଭାଇ ଥିଲେ । ତାଙ୍କର ଜଣେ ଭାଇ ମୁରବୀ ସିଲ୍‌ସିଲା ମଧ୍ୟ ଅଛନ୍ତି । ଅଲ୍ଲାଃ ତାଲା ମୃତକଙ୍କ ସହ ଦୟା ଓ କ୍ଷମା ଆଚରଣ କରନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନିତ କରନ୍ତୁ ଏବଂ ତାଙ୍କ ସନ୍ତାନସନ୍ତତିମାନଙ୍କୁ ମଧ୍ୟ ତାଙ୍କ ପୂଣ୍ୟକର୍ମ ଗୁଡ଼ିକୁ ଅଭ୍ୟାହତ ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ ତଥା ଶାନ୍ତି ପ୍ରଦାନ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ଅକିଲ୍ ଅହେମଦ୍ ସୁପୁତ୍ର ମିର୍ଜା ଖଲିଲ ଅହେମଦ୍ ବେଗ୍ ସାହେବ ଶିକ୍ଷକ ଯାମିୟା ଅହେମଦୀୟା ଘାନାଙ୍କର । ସେ ପାକିସ୍ତାନ ଯାଇଥିଲେ ସେଠାରେ ତାଙ୍କୁ Yolk Sac Tumor ହୋଇଯାଇଥିଲା । ଯେଉଁଥିରେ କିଛି ଦିନ ସୁସ୍ଥ ରହିବାପରେ ୧୩ ବର୍ଷ ବୟସରେ ସେ

ଦେହ ତ୍ୟାଗ କରିଥିଲେ, *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍*। ବାଲ୍ୟକାଳରୁ ହିଁ ସାମୁହିକ ନମାଜ ପାଠ କରିବା, ନିଜ ସାନ ଭାଇଭଉଣୀମାନଙ୍କୁ ସ୍ନେହ ଆଦର କରିବା ତାଙ୍କର ଯତ୍ନ ନେବା ଅତ୍ୟନ୍ତ ପୂଣ୍ୟବନ୍ତ ଓ ଆଜ୍ଞାକାରୀ ବାଳକ ଥିଲେ। ଷଷ୍ଠ କ୍ଲାସ୍‌ରେ ଛଅ ପାରା କୁର୍‌ଆନ୍ ସେ କଣ୍ଠସ୍ଥ କରିଥିଲେ। ନିଜ ପଛରେ ପିତାମାତାଙ୍କ ବ୍ୟତିତ ଦୁଇ ଭଉଣୀ ଛାଡ଼ି ଯାଇଛନ୍ତି। ଦୁଇ ଭଉଣୀ ମଧ୍ୟ ଓ୍ୱକ୍‌ଫେ ନୌରେ ଅଛନ୍ତି। ଆଉ ଜଣେ ଟିଚର ନସିରୁଲ୍ଲାଃ ସାହେବ୍ ଘାନାରୁ ଲେଖିଛନ୍ତି ଅକିଲ୍ ଅହେମଦ୍ ଅତ୍ୟନ୍ତ ଗୁଣବନ୍ତ ଓ ସମସ୍ତଙ୍କର ପ୍ରୀୟ ବାଳକ ଥିଲେ। ସର୍ବଦା ହସ ହସ ମୁଖ ଓ ନିଷ୍କପଟ, ସରଳ, ଆଜ୍ଞାକାରୀ ଛୁଆ ଥିଲେ। ସାମୁହିକ ନମାଜ ପାଠ କରିବା ଓ ପବିତ୍ର କୁର୍‌ଆନ୍ ପାଠ କରିବାରେ ତାଙ୍କର ଗଭୀର ରୁଚି ରହିଥିଲା। ନିଜ ନିୟମିତ ପାଠ ପଢ଼ାପଢ଼ି କରିବା ବ୍ୟତିତ ଗତବର୍ଷରୁ ପବିତ୍ର କୁର୍‌ଆନ୍ ମୁଖସ୍ତ କରିବା ଆରମ୍ଭ କରିଥିଲେ। ପ୍ରତିଦିନ ମଗ୍‌ରିବ ନମାଜ ପରେ ରାତ୍ରି ଭୋଜନ ସାରି ମସଜିଦ୍ ଚାଲିଆସୁଥିଲେ ଏବଂ ନିଜ ଅନୁଶୀଳନୀ ମୁଖସ୍ତ କରିବା ଆରମ୍ଭ କରିଦେଉଥିଲେ। ସ୍କୁଲ୍ ପାଠ ସାରିବାପରେ ପବିତ୍ର କୁର୍‌ଆନ୍‌ର କିଛି ଅଂଶ ମୁଖସ୍ତ କରି ଶୋଇବାକୁ ଯାଉଥିଲେ ଏବଂ କହୁଥିଲେ କି ମୁଁ ବଡ଼ ହୋଇ ମୁରବୀ ହେବି ଏବଂ ଯମାତ୍‌ର ସେବା କରିବି। ଅଲ୍ଲାଃ ତାଲା ମଧ୍ୟ ତାଙ୍କର ସ୍ତର ଉନ୍ନିତ କରନ୍ତୁ ଓ ପିତାମାତା ଓ ଭଉଣୀମାନଙ୍କୁ ଏହି ଅସହ୍ୟ ପୀଡ଼ା ସହ୍ୟ କରିବାକୁ ଶକ୍ତି ପ୍ରଦାନ କରନ୍ତୁ।

ଆଜିକାଲି ଏଠାକୁ ଯନାଜାଃ ଅଣା ଯାଉନାହିଁ ତେଣୁ ଅନେକ ନିଜ ପରିଜନମାନଙ୍କ ଯନାଜାଃ ପାଠ କରିବାକୁ ଦରଖାସ୍ତ ଦେଉଛନ୍ତି ସେ ସମସ୍ତ ଯନାଜାଃର ଚର୍ଚ୍ଚା କରିବା ସମ୍ଭବ ନୁହେଁ କାରଣ ସେଥିପାଇଁ ଯଥେଷ୍ଟ ସମୟ ଦରକାର ଯଦି କେବଳ ସେମାନଙ୍କର ନାମ ହିଁ ପଢ଼ାଯାଏ ତେବେ ସୁଦ୍ଧା ସମୟ ହେବନାହିଁ। ତେଣୁ ଏଠି କିଛି ଯନାଜାଃର ଚର୍ଚ୍ଚା ହେଉଛି କିନ୍ତୁ ସେମାନଙ୍କୁ ମୁଁ କହିଦେବାକୁ ଚାହେଁ ଯେ, ବାକି ରହିଯାଉଥିବା ମୃତକଙ୍କ ନାମ ନ ନେଇ ମଧ୍ୟ ମୁଁ ସେମାନଙ୍କୁ ସ୍ମରଣ ରଖୁଛି ଅଲ୍ଲାଃ ତାଲା ସେ ସମସ୍ତଙ୍କ ସହ କ୍ଷମା ଆଚରଣ କରନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନିତ କରନ୍ତୁ ତାଙ୍କ ସ୍ତ୍ରୀ ପିଲାଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ତଥା ତାଙ୍କ ପୂଣ୍ୟକର୍ମଗୁଡ଼ିକୁ ଅଭ୍ୟାହତ ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ। ନମାଜ ଜୁମା ପରେ ମୁଁ ଏ ସମସ୍ତଙ୍କର ନମାଜ ଯନାଜାଃ ଗାଏବ ପାଠ କରିବି। ଇନ୍‌ଶାଅଲ୍ଲାଃତାଲା....

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ତେବେ ନିଶଙ୍କୋଚରେ ତାଙ୍କୁ ଏକଥା ବତାଇ ଦିଅନ୍ତୁ ଯେ ଏ ସବୁ ହେଉଛି ଖରାପ କଥା ଏହା ଜାଣିବା ପାଇଁ ତୁମର ବୟସ ହୋଇନାହିଁ ତେଣୁ ଏଥିପ୍ରତି ଧ୍ୟାନ ଦିଅନାହିଁ। ଏହିଭଳି ଆମେ ନିଜ ପିଲାମାନଙ୍କର ସୁରକ୍ଷା ଓ ନିରୀକ୍ଷଣ କରିପାରିବା ଅନ୍ୟଥା ଏହି ଭୌତିକବାଦି ପରିବେଶ ଆମ ସନ୍ତାନମାନଙ୍କ ଇହ କାଳ ଓ ପରକାଳକୁ ନଷ୍ଟ କରେଦେବ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ତେଣୁ ପ୍ରତ୍ୟେକ ଅହେମଦୀଙ୍କୁ ଏକଥା ଚିନ୍ତା କରି ଏଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି। ପ୍ରତ୍ୟେକ ଅହେମଦୀମାନଙ୍କୁ ନିଜର ଆଦର୍ଶ ଓ ଦୁଆ ସହିତ ଯେଭଳି ଉତମ ଓ ଉଚିତ ତର୍‌ବିୟତ କରିବା ଯଦ୍ୱାରା ଏକଥା କୁହାଯାଇପାରିବ ଯେ, ଏହ ମାଆମାନେ ହେଉଛନ୍ତି ଏପରି ମାଆ ଯେଉଁମାନଙ୍କୁ ଅଲ୍ଲାଃ ତାଲାଙ୍କ ଆଡ଼କୁ ଟାଣିଆଣି ନିଜ ସନ୍ତାନମାନଙ୍କୁ ସମ୍ପତି ରୂପେ ଜନ୍ନତକୁ ଦେଉଅଛନ୍ତି । ଏହି ସନ୍ତାନମାନେ ଏହି ପିଲାମାନେ ଆପଣଙ୍କ ନିକଟରେ ଯମାତ୍‌ର ଅମାନତ ଅଛନ୍ତି ଓ ସେମାନଙ୍କର ଉତମ ତର୍‌ବିୟତ କରିବା ଯୋଗୁଁ ଏହି ସବୁପିଲାମାନେ ଖୁଦାତାଲାଙ୍କ ପସନ୍ଦ ଯୋଗ୍ୟ ଧନ ହୋଇଯାଇଛନ୍ତି। ଓ ଏହି ଲୋକାମନେ ଯାହାଙ୍କ ଉପରେ ଅଲ୍ଲାଃ ତାଲାଙ୍କ ପ୍ରେମ ଦୃଷ୍ଟି ସବୁ ସମୟରେ ପଡୁଅଛି। ଯେଉଁମାନେ ନିଜର ପବିତ୍ର ଚିନ୍ତାଧାରା ଯୋଗୁଁ ଏ ଦୁନିଆର ଖରାପ କର୍ମ ପ୍ରତି ଆଖି ଉଠାଇ ମଧ୍ୟ ଦେଖୁନାହାନ୍ତି। ଏମାନଙ୍କୁ ଟିଭି, ଇଂଟରନେଟ୍ ଏବଂ ତାହାର ଖରାପ ଅଶ୍ଳୀଳ ଏବଂ ଲଙ୍ଗଳା ପ୍ରୋଗ୍ରାମ ପ୍ରତି କୌଣସି ଆକର୍ଷଣ ନାହିଁ ବା ଆଗ୍ରହ ନାହିଁ। ଯଦି କିଛି ଆଦର୍ଶ ଅଛି ତେବେ ତାହା ଖୁଦାତାଲାଙ୍କ କୃପାକୁ ଓ ସାନିଧ୍ୟକୁ ପାଇବାର ଆଗ୍ରହ। ପୁଣି ଏକଥା ଦୁନିଆ କହୁ ଯେ, ଏମାନେ ହେଉଛନ୍ତି ଏପରି ପିଲା ସେମାନଙ୍କୁ କୌଣସି ଅଶ୍ଳିଳତା ପ୍ରତି ଆଗ୍ରହ ନାହିଁ ବୃଥା କାର୍ଯ୍ୟ ପ୍ରତି ଆଗ୍ରହ ନାହିଁ, ସମୟ ନଷ୍ଟ କରିବାପ୍ରତି ଆଗ୍ରହ ନାହିଁ। ଏଣେତେଣେ ଘୁରିବୁଲିବା ପ୍ରତି ଆଗ୍ରହ ନାହିଁ ଏବଂ ବାହାରେ ଅନ୍ୟ ପିଲାମାନଙ୍କ ସହିତ ପଡ଼ି ନିସା ପଦାର୍ଥ ବ୍ୟବହାର କରିବାପ୍ରତି ଆଗ୍ରହ ନାହିଁ ବରଂ ଯଦି ଆଗ୍ରହ ରହିଛି ତା ହେଉଛି ଖୁଦାତାଲାଙ୍କ କୃପାକୁ ଖୋଜିବା ଓ ପାଇବାର ଆଗ୍ରହ। ଯଦି କୌଣସି ଚିନ୍ତା ଅଛି ତେବେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସହିତ ଅଲ୍ଲାଃ ତାଲାଙ୍କର ଯେଉଁ ପ୍ରତିଶୃତି ଥିଲା ଅର୍ଥାତ ମୋର ଅନୁଗାମୀମାନେ ଜ୍ଞାନ ଓ ଈଶ୍ୱରଙ୍କୁ ଚିହ୍ନିବାର ମାର୍ଗରେ ଉନ୍ନତି କରିଚାଲିବେ।" ଏହାର ଭାଗିଦାରୀ ହେବାପାଇଁ ଚିନ୍ତା। ଅଲ୍ଲାଃ ତାଲାଙ୍କର ଏ ପ୍ରତିଶୃତି ରହିଛି ଯେ, ଏମାନେ ଉନ୍ନତି କରି ଦୁନିଆର ମାର୍ଗଦର୍ଶକ ହେବେ ଓ ଏ ଦୁନିଆକୁ ଦଜାଲି ଫିତ୍‌ନା ରୁ ଲୋକମାନଙ୍କୁ ବଂଚାଇବେ। ତେଣୁ ଏହିଭଳି ଭଣ୍ଡାର ଏବଂ ଏହିଭଳି ଧନ ଓ ଅସ୍ତିତ୍ୱ ଜନ୍ମ କରିବାବାଲା ହୁଅନ୍ତୁ। ଏଭଳି ବିଶ୍ୱାସକାରୀ ପତ୍ନୀ ଓ ମାଆ ହୁଅନ୍ତୁ ଯାହାଙ୍କ ସମ୍ବନ୍ଧରେ ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି ଯେ, ସେମାନେ ହେଉଛନ୍ତି ଉତମ ଧନ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ସେହିଭଳି ମାଆମାନେ ଏକଥା ମଧ୍ୟ ମନେ ରଖନ୍ତୁ ଯେ, ଝିଅ ପିଲାମାନଙ୍କ ତର୍‌ବିୟତ କରିବାପାଇଁ ସେମାନେ ନିଜର ଉତମ ନମୁନା ମଧ୍ୟ ଦେଖାନ୍ତୁ ବିଶେଷ ରୂପେ ନିଜର ବସ୍ତ୍ର ପରିଧାନ ଓ ନିଜର ପର୍ଦ୍ଦାର ମଧ୍ୟ ସେମାନଙ୍କୁ ଧ୍ୟାନ ରଖିବାକୁ ହେବ। ଲଜ୍ୟା ହେଉଛି ମହିଳାମାନଙ୍କର ସନ୍ତକ। ଝିଅ ପିଲାମାନଙ୍କୁ ଏକଥା ବତାନ୍ତୁ ଯେ, ଏହି ତଥାକଥିତ ବିକାଶଶୀଳ ରାଷ୍ଟ୍ରର ସମାଜ ତୁମ ଲଜ୍ୟାର ସୁରକ୍ଷା କରୁନାହିଁ। ପିଲାଦିନୁ ହିଁ ଏକଥା ବତାଇବାକୁ ହେବ ପାଂଚ ଛଅ ବର୍ଷ ବୟସରୁ ହିଁ ଛୋଟ ଛୋଟ ଝିଅମାନଙ୍କୁ ବତାନ୍ତୁ ଯେ, ଏ ସମାଜ ତୁମ ଲଜ୍ୟାର ସୁରକ୍ଷା କରୁନାହିଁ। ବରଂ ଲଜ୍ୟାର ସୁରକ୍ଷା ଅଲ୍ଲାଃ ତାଲାଙ୍କ ଦ୍ୱାରା ବତାଯାଇଥିବା ନିର୍ଦ୍ଦେଶାବଳୀ ଗୁଡ଼ିକ ଉପରେ ପରିଚାଳିତ ହୋଇପାରେ। ସେଥିପାଇଁ ଅଲ୍ଲାଃ ତାଲା ପବିତ୍ର କୋରାନ୍‌ରେ ପର୍ଦ୍ଦା କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ଓ ଲଜ୍ୟାର ମଧ୍ୟ ନିର୍ଦ୍ଦେଶ ଅଛି। ସର୍ବଦା ଝିଅପିଲାମାନଙ୍କୁ ଏକଥା ବତାନ୍ତୁ ଯେ, ଅଲ୍ଲାଃ ତାଲାଙ୍କର ଏହି ନିର୍ଦ୍ଦେଶକୁ ସର୍ବଦା ନିଜ ସମ୍ମୁଖରେ ରଖ। ଏ ବାବଦରେ କୌଣସି ସଙ୍କୋଚ କରିବାର ଆବଶ୍ୟକତା ନାହିଁ ଯଦି ମାଆମାନେ ନିଜେ ପର୍ଦ୍ଦା କରିବାର ଅଭ୍ୟାସ କରିବେ ଓ ତାଙ୍କ ଝିଅମାନଙ୍କୁ ଏହାର ଗୁରୁତ୍ୱ ବିଷୟରେ ବତାଇବେ ତେବେ ନିଶ୍ଚିତରୂପେ ଝିଅମାନଙ୍କ ଉପରେ ମଧ୍ୟ ଏହାର ପୂଣ୍ୟ ପ୍ରଭାବ ପଡ଼ିବ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: କେତେକ ଶିକ୍ଷିତା ଝିଅ ଏକଥା ଭାବୁଛନ୍ତି ଯେ, ଆମ ମାଆମାନେ ହେଉଛନ୍ତି ପୁରୁଣା ଯୁଗର ସେମାନେ କଣ ଜାଣିଛନ୍ତି ଯେ ଏ ଯୁଗରେ ତାଳ ମିଳାଇ ଚାଲିବାକୁ ହେଲେ ପର୍ଦ୍ଦା ଏବଂ ହିଜାବ୍‌କୁ କମ୍ କରିବାର ଆବଶ୍ୟକତା ରହିଛି ବୋଲି ବା କିଛି ସ୍ଥାନରେ ଯଦି ପରଦା ନ କରାଯାଏ ବା ଲଜ୍ୟାଶିଳ ବସ୍ତ୍ର (ଶରୀରକୁ ସମ୍ପୁର୍ଣ୍ଣରୂପେ ଢ଼ାଙ୍କୁଥିବା) ନ ପିନ୍ଧାଯାଏ ତେବେ କୌଣସି ଅସୁବିଧା ନାହିଁ। କିନ୍ତୁ ଆମକୁ ସର୍ବଦା ଏକଥା ମନେ ରଖିବା ଉଚିତ ଯେ, ଯିଏ ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶାବଳୀରୁ ହଟିକି ଚାଲିବ ସେ ତା ନିଜର ଓ ନିଜ ସନ୍ତାନମାନଙ୍କ ଜୀବନକୁ ମଧ୍ୟ ବର୍‌ବାଦ୍ କରିବ। ତେଣୁ ଜଣେ ଅହେମଦୀ ଝିଅ ଓ ଜଣେ ଅହେମଦୀ ମହିଳାକୁ ନିସଙ୍କୋଚ ଏହିଭଳି ବସ୍ତ୍ର ଉପରେ ଅଭିଶାପ ପ୍ରେରଣ କରି ପରିତ୍ୟାଗ କରିଦେବା ଉଚିତ। ଯଦ୍ୱାରା ଶରୀର କମ୍ ଢ଼ଙ୍କା ଯାଉଥିବ ଓ ଯେଉଁ ବସ୍ତ୍ର ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶାବଳୀକୁ ଆଡ଼େଇ ଦେଉଥିବ। ଯଦି କିଏ ଏ ବାହାନା କରୁଛି ଯେ, କାମ କରିବାପାଇଁ କିଛି ସ୍ୱତନ୍ତ୍ର ବସ୍ତ୍ର ପିନ୍ଧିବାକୁ ପଡ଼ିଥାଏ ଓ ସେହି ବସ୍ତ୍ର କୁର୍ତ୍ତା ଓ ଜିନ୍ସ ବ୍ୟତିତ ଆଉ କିଛି ନାହିଁ। ଅର୍ଥାତ କୁର୍ତ୍ତା ଓ ଜିନ୍ସ ହିଁ କେବଳ ପିନ୍ଧା ଯିବ ଏବଂ ତା' ଉପରେ କୌଣସି ସ୍କାର୍ଫ ଘୋଡ଼ାଯିବ ନାହିଁ ନା କୌଣସି ଲମ୍ବା କୋଟ ତା ଉପରେ ପିନ୍ଧା ଯିବ। ତେବେ ଏହିଭଳି କାମ କରିବାରୁ ଆମ ଝିଅପିଲାମାନଙ୍କୁ ବଂଚିବା ଉଚିତ ଓ ସେହି କାମରୁ ମଧ୍ୟ ବଂଚିବା ଉଚିତ ଯାହା ଫୁଙ୍ଗୁଳା ବସ୍ତ୍ର ପ୍ରତି ନେଇ ଯାଉଥିବା କାମ ଅଟେ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଯଦି ଅଲ୍ଲାଃ ତାଲାଙ୍କ ମତଓ୍ୱଲି (ଅର୍ଥାତ ଅଲ୍ଲାଃ ତାଲା ତୁମର ନିରୀକ୍ଷକ) ହେବା ଉପରେ ବିଶ୍ୱାସ ରଖିବେ ଓ ପୂଣ୍ୟବତି ହେବାପାଇଁ ଚେଷ୍ଟା କରିବେ ତେବେ ଅଲ୍ଲାଃ ତାଲା ନିଜ ପ୍ରତିଶୃତି ମୁତାବକ ପୂଣ୍ୟବତୀ ମାନଙ୍କର ମତଓ୍ୱଲି (ସୁରକ୍ଷାକର୍ତ୍ତା) ମଧ୍ୟ ହେବେ। ଆଜି ଯଦି ପର୍ଦ୍ଦା କରିବାରୁ ସ୍ୱାଧିନ ପାଇଯିବେ ତାହା ହେଲେ ଆସନ୍ତା ପିଢ଼ି ଆହୁରି ଅଧିକ ସ୍ୱାଧିନ ହୋଇଯିବେ ଫଳତଃ ଧର୍ମରୁ ଦୁରେଇ ଯିବେ। ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଏହି ଉପଦେଶକୁ ସର୍ବଦା ସାମ୍‌ନାରେ ରଖନ୍ତୁ କି "ୟୁରୋପ ଭଳି ପର୍ଦ୍ଦା ନ କରିବାପାଇଁ ଲୋକମାନେ ଜୋର୍ ଦେଉଛନ୍ତି କିନ୍ତୁ ଏହା କଦାପି ଠିକ୍ ନୁହେଁ"। ଏହା ହିଁ ମହିଳାମାନଙ୍କର ସ୍ୱାଧିନତା ଓ ସେମାନଙ୍କୁ ଖରାପ ରାସ୍ତାକୁ ନେଇଯିବାର ମୁଳ ମାର୍ଗ ଅଟେ। ଏହା ହିଁ ଆବଶ୍ୟକତାର ଅଧିକ ଧର୍ମ ମାର୍ଗରୁ ଦୁରେଇ ନେଇଥାଏ ଓ ଈଶ୍ୱରଙ୍କ ନିର୍ଦ୍ଦେଶାବଳୀରୁ ଦୁରେଇ ଦେଇଥାଏ। ତେଣୁ ବହୁତ ଚିନ୍ତା କରି ପାଦ ଉଠାଇବାର ଆବଶ୍ୟକତା ରହିଛି।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଅତଏବ ସର୍ବଦା ମନେ ରଖନ୍ତୁ ଯେ, ଯଦି ଅଲ୍ଲାଃ ତାଲାଙ୍କ କଥାଗୁଡ଼ିକ ଉପରେ, ତାହାଙ୍କ ରସୁଲ୍‌ଙ୍କ କଥା ଉପରେ ଏବଂ ଏ ଯୁଗର ଇମାମ୍ ଓ ନ୍ୟାୟ ନିଷ୍ପତିକାରୀଙ୍କ କଥା ଉପରେ ଧ୍ୟାନ ଦେଇ ପରିଚାଳିତ ନ ହେବ ତେବେ ତୁମେ ତୁମର ଧର୍ମକୁ ହଜାଇ ଦେବ। ତା'ପରେ ପୁଣି ଏ ଦାବି ମଧ୍ୟ ଭୁଲ ପ୍ରମାଣିତ ହେବ ଯେ, ଆମେ ମସିହ ମଉଦ୍‌ଙ୍କ ବୟତ କରିଅଛୁ। ଏହି ମାହୋଲ୍‌ରେ ସଙ୍କୋଚ କରିବା ପରିବର୍ତେ ସେହି ଭୌତିକ ବାଦି ଲୋକମାନଙ୍କୁ ଖୋଲାଖୋଲି ଭାବେ ବତାଇ ଦିଅନ୍ତୁ ଯେ, ପର୍ଦ୍ଦା କରିବା ହେଉଛି ଆମ ଧର୍ମିୟ ଆସ୍ଥାର ମାମଲା ତେଣୁ ତୁମେମାନେ ଆମ ଧର୍ମର ମାମଲାରେ ଦଖଲ ଦିଅନାହିଁ। ଏଠାରେ ଥିବା ଶିକ୍ଷିତା ଅହେମଦୀ ଝିଅମାନେ ଖବରକାଗଜଗୁଡ଼ିକରେ ଏ ବାବଦରେ ନିବନ୍ଧ ଲେଖନ୍ତୁ ଓ ଚିଠି ମଧ୍ୟ ଲେଖନ୍ତୁ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ସର୍ବଦା ଏକଥା ମନେ ରଖନ୍ତୁ ଯେ, ଯଦି ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶାବଳୀ ଉପରେ ପରିଚାଳିତ ହେବେ ତେବେ ଦୀନ୍ ଓ ଦୁନିଆ (ଧର୍ମ ଓ ସଂସାର) ରେ ସମ୍ମାନ ପାଇବେ। ତେଣୁ ନିଜେ ନିଜର ନିରୀକ୍ଷଣ କରନ୍ତୁ। କେବଳ ମସ୍‌ଜିଦ୍‌କୁ ଆସିବାକୁ ହେଲେ ଓ ଜଲ୍‌ସାରେ ଯୋଗଦେବାକୁ ହେଲେ ଲଜ୍ଜାଶୀଳ ବସ୍ତ୍ର ଓ ପରଦା ନ କରାଯାଉ ବରଂ ଏହା

ଆପଣମାନଙ୍କର ଏକ ସ୍ୱତନ୍ତ୍ର ଗୁଣ ହୋଇଯାଉ । ଯେଉଁଠି ବି ରୁହ ସେଠାରେ ଆପଣ ଲଜ୍ଜାଶୀଳ ବସ୍ତ୍ର ପରିଧାନ କରୁଥିବେ । ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କର ଏହି କଥାକୁ ସର୍ବଦା ମନେରଖନ୍ତୁ ଯେ, ଧର୍ମପରାୟଣତାକୁ ଗ୍ରହଣ କର ଓ ସଂସାର ଓ ଏହାର ଚାକଚମକ ପ୍ରତି ବହୁତ ମନ ନ ଲଗାଅ । ତୁମେ ନିରୀହ ଓ ପବିତ୍ର ଅବସ୍ଥାରେ କବରରେ ପ୍ରବେଶ ହେବାପାଇଁ ଚେଷ୍ଟା କର । ପୁଣି କହୁଛନ୍ତି "ଖୁଦାଙ୍କ ପ୍ରତି ଥିବା କର୍ତବ୍ୟ ନମାଜ ଏବଂ ଯକାତ୍ ଇତ୍ୟାଦିରେ ଅବହେଳା କରନାହିଁ" ପୁଣି କହିଲେ ଯେ, "ନିଜର ଏହି ଦାୟିତ୍ୱକୁ ଏତେ ସୁନ୍ଦର ଭାବରେ ନିର୍ବାହ କର ଯେ, ତୁମେ ଖୁଦାଙ୍କ ନିକଟରେ ସ୍ୱାଲିହାତ୍ କାନେତାତ୍‌ମାନଙ୍କ ମଧ୍ୟରେ ଗଣାଯିବ" ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଅଲ୍ଲାଃ କରନ୍ତୁ ଯେ ପ୍ରତ୍ୟେକ ଅହେମଦୀ ମହିଳା, ପ୍ରତ୍ୟେକ ଅହେମଦୀ ଝିଅ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେଇ ଅଲ୍ଲାଃ ତାଲା ଏବଂ ତାହାଙ୍କ ରସୁଲ୍ ସ:ଆ:ସ ଓ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ନିର୍ଦ୍ଦେଶାବଳୀ ଏବଂ ଉପଦେଶାବଳୀ ଉପରେ ପରିଚାଳିତ ହୋଇ ନିଜର ଓ ନିଜ ସନ୍ତାନମାନଙ୍କ ଧର୍ମର ସୁରକ୍ଷାକାରୀ ହୁଅନ୍ତୁ ଏବଂ ସେମାନଙ୍କୁ ଖୁଦାତାଲାଙ୍କ ସହିତ ଯୋଡ଼ିବାବାଲା ହୁଅନ୍ତୁ । ଅଲ୍ଲାଃ ତାଲା ଏ ଯୁଗର ଇମାମ୍‌ଙ୍କୁ ମାନିବାପାଇଁ ଆପଣଙ୍କ ଯେଉଁ ସୌଭାଗ୍ୟ ପ୍ରଦାନ କରିଛନ୍ତି ତାହାକୁ ସର୍ବଦା ସମ୍ମାନ କରନ୍ତୁ ଏବଂ ଏ ସଂସାରରେ ଲିପ୍ତ ରହି ତାହାକୁ ଭୁଲି ନ ଯାଆନ୍ତୁ । ଆମିନ୍....

ଶେଷରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ, ହଜୁର ଅନଓ୍ୱର ଅ:ବ:ଅଙ୍କର ଲଜ୍‌ନାଙ୍କ ନିମନ୍ତେ ଥିବା ଏହି ଅଭିଭାଷଣ ଦିନ ୧:୪୦ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଦୁଆ ପରେ ଲଜ୍‌ନା ଏବଂ ଝିଅ ପିଲାମାନେ ଭିନ୍ନ ଭିନ୍ନ ଦଳରେ ଆରବୀ, ଉର୍ଦ୍ଦୁ ଏବଂ ଫ୍ରେନ୍‌ଚ ଭାଷାରେ ତରାନା ଓ ଦୁଆଇୟା ନଜମ୍ ଉପସ୍ଥାପନ କଲେ । ଶେଷରେ ଆଫ୍ରିକୀୟ ମହିଳାମାନେ ନିଜର ବିଶେଷ ଶୈଳୀରେ କଲ୍‌ମା ତୟବା ପାଠ କଲେ ଓ ନାରା (ସ୍ଲୋଗାନ) ଲଗାଇଲେ ।

ତା'ପରେ ଠିକ୍ ୨ଟା ବେଳେ ସୟଦନା ହଜୁର ଅନଓ୍ୱର ଅ:ବ:ଅ ପୁରୁଷମାନଙ୍କ ଜଲ୍‌ସାଗାଃରେ ପଦାର୍ପଣ କରି ଜୋହର୍ ଏବଂ ଅସର୍ ନମାଜ ଯମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଫ୍ରେନ୍‌ଚ ଅତିଥିମାନଙ୍କ ସହିତ ପ୍ରୋଗ୍ରାମ**

ପ୍ରୋଗ୍ରାମ ମୁତାବକ ଠିକ୍ ସଂଧ୍ୟା ୬:୪୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ପୁରୁଷମାନଙ୍କ ସାମିୟାନା ଭିତରେ ପଦାର୍ପଣ କଲେ ଏବଂ ଫ୍ରେନ୍‌ଚ ଅତିଥିମାନଙ୍କ ସହିତ ପ୍ରୋଗ୍ରାମ ଆରମ୍ଭ ହେଲା । ମୁକରମ୍ ଅତାଉଲ୍ ହାଇ ସାହେବ୍ ପବିତ୍ର କୁର୍‌ଆନ୍ ଆବୃତି କଲେ ଓ ପରେ ତାହାର ଫ୍ରେନ୍‌ଚ ଭାଷାରେ ଅନୁବାଦ ଉପସ୍ଥାପନ କଲେ । ତା'ପରେ ମୋକରମ୍ ଆସିଫ୍ ଆରିଫ୍ ସାହେବ୍ ନ୍ୟାସନାଲ ସେକ୍ରେଟାରୀ ଉମୁରେ ଆମା ଫ୍ରାନ୍ସ ନିଜର ପରିଚୟ ମୁଳକ ଅଭିଭାଷଣ ଉପସ୍ଥାପନ କଲେ ।

ତା'ପରେ ସର୍ବପ୍ରଥମେ Trie Chateau ର ମେୟର ମିଷ୍ଟର ଡ଼େଭିଡ଼୍ ନିଜର ବକ୍ତବ୍ୟ ଉପସ୍ଥାପନ କଲେ । ସେଥିରେ ସେ କହିଲେ, ଖଲିଫାଙ୍କର ଏହି ଛୋଟିଆ ସହର Trie Chateau ରେ ଆଗମନ ଆମ ପାଇଁ ବହୁତ ଆନନ୍ଦ ଓ ଗର୍ବର ବିଷୟ । ଏହି କମ୍ୟୁନିଟିର ଉତମତା ଏବଂ ଯମାତ୍ ଅହେମଦୀୟା ସହିତ ସୁସମ୍ପର୍କକୁ ବଢ଼ାଇବା ପାଇଁ ଶାନ୍ତିର ବାର୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମୋର ଆଶା ଯେ, ପାଗ ଖରାପ ହେବା ସତ୍ତ୍ୱେ ମଧ୍ୟ ଆପଣମାନେ ଏହି ଜଲ୍‌ସାରୁ ଲାଭ ଉଠାଇବେ ଓ ତାହା ଏପରି ଏକ ସ୍ଥାନରେ ଅନୁଷ୍ଠିତ ହେଉଅଛି ଯାହା ହେଉଛି ପ୍ୟାରିସ୍‌ର ନିକଟବର୍ତୀ ସ୍ଥାନ ଓ ବହୁତ ମନମୁଗ୍ଧକାରୀ ସ୍ଥାନ । ମୋର ଏ ଆଶା ଯେ, ଆପଣମାନେ ଆମକୁ ଜାଣିବେ ଓ ନିଜର ପରିଚୟ ଆମକୁ ଦେବେ । ତେଣୁ ମୁଁ ଆପଣମାନଙ୍କର ଓ ବିଶେଷରୂପେ ଖଲିଫା ସାହେବଙ୍କର ଏହି ଅବସରରେ ଆଗମନ ଯୋଗୁଁ ଧନ୍ୟବାଦ ଅର୍ପଣ କରିବାକୁ ଚାହୁଁଛି । ଆପଣ ସମସ୍ତଙ୍କୁ ଧନ୍ୟବାଦ ।

ତା'ପରେ ଡ଼ାକ୍ତର Annelise Defaix ସାହିବା ନିଜର ବକ୍ତବ୍ୟ ଉପସ୍ଥାପନ କଲେ । ମହାଶୟା ପ୍ୟାରିସ୍ ୟୁନିଭରସିଟି ସହିତ ସମ୍ବନ୍ଧିତ ଓ ସେ ସାଉଥ୍ ଇଷ୍ଟ ଏସିଆନ୍ ଡ଼ିର୍ପାଟମେଂଟରେ କାର୍ଯ୍ୟରତ । ପୁଣି ସେ କହିଲେ, ମୁଁ ମୋ ପେଷା ଦୃଷ୍ଟିକୋଣରୁ ହେଉଛି ସୋସିଓଲଜିଷ୍ଟ ଏବଂ ମୁସଲମାନ ଅଳ୍ପସଂଖ୍ୟକଙ୍କ ଉପରେ ମୁଁ ଗବେଷଣା କରୁଅଛି । ମତେ ଏହି ଅସାଧାରଣ ସଭାରେ ଯୋଗ ଦେବାପାଇଁ ନିମନ୍ତ୍ରଣ ଦେଇଥିବାରୁ ମୁଁ ଆପଣମାନଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି । ମୁଁ ଦଶ ବର୍ଷ ହେବ ଅହେମଦୀମାନଙ୍କୁ ଜାଣିଛି । ଅହେମଦୀମାନଙ୍କ ସହିତ ମୋର ସାକ୍ଷାତକାର ସର୍ବପ୍ରଥମେ ଇଣ୍ଡୋନେସିଆରେ ହୋଇଥିଲା ଯେଉଁଠାରେ ଅହେମଦୀମାନଙ୍କୁ ବିରୋଧର ସମ୍ମୁଖିନ ହେବାକୁ ପଡୁଛି । ମୁଁ ଏଥିରୁ ବହୁତ ପ୍ରଭାବିତ ହୋଇଥିଲି । ପୁଣି ମତେ କାମ୍ବୋଡ଼ିଆରେ ମଧ୍ୟ ଅହେମଦୀ ମିଳିଲେ । ମୁଁ Saint Prix ରେ ମଧ୍ୟ ତିନିବର୍ଷ ହେବ ଅହେମଦୀମାନଙ୍କ ସହିତ ମିଶୁଅଛି ଓ ଧର୍ମୀୟ ଅଳ୍ପସଂଖ୍ୟକ ଆଟ୍‌ଲାସ୍‌ରେ ଅହେମଦୀମାନଙ୍କ ସମ୍ବନ୍ଧରେ ଗୋଟିଏ ବିଷୟ ଲେଖିଛି । ବର୍ତମାନ ଆମ ଦେଶ ମୁସଲମାନମାନଙ୍କ ପରିପ୍ରେକ୍ଷୀରେ ଗୋଟିଏ ସଙ୍କଟ ଯୁଗ ଦେଇ ଗତି କରୁଅଛି ଯାହାର ଉଦାହରଣ ପୂର୍ବରୁ କେବେ ମଧ୍ୟ ମିଳୁନାହିଁ । ଏହିଭଳି ଘଡ଼ିସନ୍ଧି ମୁହୂର୍ତରେ ଖଲିଫା ସାହେବ ଯେଉଁ ବାର୍ତା ଦେଇଛନ୍ତି ତାହା ଆମ ମନକୁ ବୋଧ ଦେଉଅଛି ଏବଂ ଏହି ଅନ୍ଧାକାରମୟ ଯୁଗରୁ ବାହାରିବାପାଇଁ ଉତ୍ସାହ ସୃଷ୍ଟି ହେଉଛି । ଫ୍ରାନ୍ସରେ ଇସ୍‌ଲାମ ଫୋବିୟା ବହୁତ ସାଧାରଣ ହୋଇଗଲାଣି କିନ୍ତୁ ଶାନ୍ତି ଓ ପ୍ରେମ କେବେବି ଅଲଗା ହୋଇପାରିବେ ନାହିଁ । ଅସ୍‌ସଲାମୁ ଆଲୈକୁମ୍

ତା'ପରେ ଡ଼ାକ୍ତର Langewish Katrine ସାହିବା ଯିଏ ଜଣେ ହେଉଛନ୍ତି ଆନ୍ଥ୍ରୋପୋଲଜିଷ୍ଟ ଏବଂ ୟୁନିଭର୍ସିଟି ଅଫ୍ ଜୋନାସ୍ ଗୋଟେନ୍‌ବର୍ଗରେ ଆଫ୍ରିକାନ୍ ଷ୍ଟଡ଼ିଜ୍‌ର ଇନ୍‌ଚାର୍ଜ ଅଛନ୍ତି, ସେ ନିଜର ବକ୍ତବ୍ୟ ଉପସ୍ଥାପନ କରି କହିଲେ: ଯମାତ୍ ଅହେମଦୀୟା ସହିତ ମୋର ସାକ୍ଷାତ ପଶ୍ଚିମ ଆଫ୍ରିକିୟ ଦେଶ ବୁର୍‌କିନା ଫାସୋଠାରେ ଅବସ୍ଥିତ ତାଙ୍କର ଗୋଟିଏ ଡ଼ାକ୍ତରଖାନାରେ ହୋଇଥିଲା । ତା'ପରେ ମୁଁ ଏ ଯମାତ୍ ସହିତ ମୋର ଯୋଗାଯୋଗ ଜାରି ରଖିଲି । ତା'ପରେ ପୁଣି ଫ୍ରାନ୍ସ, ଜର୍ମାନୀ ଏବଂ ବିଭିନ୍ନ ଦେଶଗୁଡ଼ିକରେ ମଧ୍ୟ ଏ ଯମାତ୍‌କୁ ଦେଖିବାକୁ ପାଇଲି । ମୁଁ ଜଣେ ଆନ୍ଥ୍ରୋଫୋଲଜିଷ୍ଟ ହୋଇଥିବାରୁ ଯମାତ୍‌ର ଲୋକସେବା ଯୋଜନା ଗୁଡ଼ିକ ବିଶେଷରୂପେ ହ୍ୟୁମାନିଟି ଫାଷ୍ଟରେ ବହୁତ ଆଗ୍ରହ ଦେଖାଇଥାଏ । ଏ ଯମାତ୍‌ର ଆଧ୍ୟାତ୍ମିକତା ପ୍ରତି ଅନେଷ୍ୱଣ ଏବଂ ଲୋକସେବାମୁଳକ କାର୍ଯ୍ୟ ସହିତ ପାଦରେ ପାଦ ମିଶାଇ ଚାଲିବା ବହୁତ ଉତମ କଥା । ସେଥିଯୋଗୁଁ ଖଲିଫାଙ୍କ ଉପସ୍ଥିତିରେ ଆଜି ଏହି ଜଲ୍‌ସାରେ ସାମିଲ ହୋଇ ମତେ ବହୁତ ଆନନ୍ଦ ମିଳୁଅଛି । ଆପଣମାନଙ୍କୁ ବୋଧ ହୁଏ ବୁର୍‌କିନା ଫାସୋରେ ପ୍ରକାଶ ହୋଇଥିବା ମୋର ଗୋଟିଏ ପୁସ୍ତକ ଭଲଲାଗିଥିବ । ସେଥିରେ ମୁଁ ଗୋଟିତଏ ବିଷୟ ଯମାତ୍ ଅହେମଦୀୟା ସମ୍ପର୍କରେ ଲେଖିଛି ।

ହଜୁର ଅନଓ୍ୱର ଅ:ବ:ଅ ଠିକ୍ ୬:୫୩ ମିନିଟରେ ଇଂରାଜୀ ଭାଷାରେ ଅଭିଭାଷଣ ପ୍ରଦାନ କଲେ । ଯାହାର ଓଡ଼ିଆ ଅନୁବାଦ ଉପସ୍ଥାପନ କରାଯାଉଅଛି ।

**ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ**

ତଶ୍‌ହୁଦ୍, ତଉଜ୍ ଏବଂ ତସ୍‌ମିୟା ପାଠ ପରେ, ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆପଣ ସମସ୍ତଙ୍କ ଉପରେ ଈଶ୍ୱରଙ୍କର କରୁଣା ଓ କୃପା ଅବତୀର୍ଣ୍ଣ ହେଉ । ସର୍ବପ୍ରଥମେ ତ ମୁଁ ଏଠାରେ ଉପସ୍ଥିତ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ କହିବାକୁ ଚାହିଁବି ଯେ, ସେମାନେ ଗୋଟିଏ ମୁସଲମାନ କମ୍ୟୁନିଟି ତରଫରୁ ଆୟୋଜନ କରାଯାଇଥିବା ଏକ ଧାର୍ମିକ ସଭାରେ ସାମିଲ ହୋଇଛନ୍ତି । ଏବେ କିଛି ବର୍ଷ ହେବ କେତେକ କଥାକଥିତ ମୁସଲମାନ ସଂଘଠନ ତରଫରୁ ଫ୍ରାନ୍ସ ସମେତ ଅନ୍ୟାନ୍ୟ ଦେଶଗୁଡ଼ିକରେ ଅତ୍ୟନ୍ତ ପାଶବିକ ଏବଂ ଘୃଣ୍ୟ ଅତ୍ୟାଚାର କରାଯାଇ ବହୁତ ଦୁଃଖ ଓ କଷ୍ଟ ପହଂଚାଇବାର କାରଣ ହୋଇଛି । ଆମେ ଏହିଭଳି ଅତ୍ୟାଚାରକୁ ଖଣ୍ଡନ କରୁଅଛୁ ଏବଂ ଆମର ଦୁଆ ସହାନୁଭୂତି ସର୍ବଦା ଅତ୍ୟାଚାର ପ୍ରପିଡ଼ିତ ଲୋକମାନଙ୍କ ସହିତ ରହିବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ସହିତ ସନ୍ତ୍ରାସବାଦ ଓ ଚରମପନ୍ଥୀ କାର୍ଯ୍ୟକଳାପର କୌଣସି ସମ୍ପର୍କ ନାହିଁ । ବରଂ ଇସ୍‌ଲାମ୍ ତ ଶାନ୍ତି, ପ୍ରେମ, ସୌହାର୍ଦ୍ଦ୍ୟ, ସହନଶୀଳତା ଏବଂ ସୁଲ୍‌ହାର ଧର୍ମ ଅଟେ । ଇସ୍‌ଲାମ୍‌ର ଶବ୍ଦାର୍ଥ ହେଉଛି "ଶାନ୍ତି ଓ ସୌହାର୍ଦ୍ଦ୍ୟ" ତେଣୁ ଜଣେ ପ୍ରକୃତ ମୁସଲମାନ ହେଉଛି ସେ, ଯିଏ ନିଜେ ମଧ୍ୟ ଶାନ୍ତିରେ ରହିଥାଏ ଓ ଏ ଦୁନିଆରେ ମଧ୍ୟ ଶାନ୍ତି ସ୍ଥାପନ କରିବା ପାଇଁ ଚେଷ୍ଟା କରିଚାଲିଥାଏ । ମୁସଲମାନମାନଙ୍କୁ ତା'ର ଅତ୍ୟନ୍ତ ମୁଳସ୍ତରରୁ ହିଁ ଏହି ଶିକ୍ଷା ଦିଆଯାଇଅଛି ଯେ, ଯେବେ ଅନ୍ୟମାନଙ୍କ ସହିତ ମିଶିବ ସେ ମୁସଲମାନ ହୋଇଥାଆନ୍ତୁ ବା ଅଣମୁସଲିମ୍ "ଅସ୍‌ସଲାମୁ ଆଲୈକୁମ୍" କହିବ । ତାହାର ଅର୍ଥ ହେଉଛି ଏହା କି, "ଆପଣଙ୍କ ଉପରେ ଶାନ୍ତି ବର୍ଷଣ ହେଉ" । ସାକ୍ଷାତ କରିବାର ଏହି ଇସ୍‌ଲାମୀୟ ଶୈଳୀ ମଙ୍ଗଳକାମନାର ଏକ ଚିହ୍ନ । ଯାହା ଅନ୍ୟମାନଙ୍କୁ ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତା ଦେଇଥାଏ । ବରଂ ମୁଁ ତ ଅନେକ ଅଣମୁସଲମାନମାନଙ୍କୁ ଦେଖିଛି ଯେ, ସେମାନେ ତାଙ୍କ ପରିଚିତ ମୁସଲମାନ ବନ୍ଧୁମାନଙ୍କୁ ଇସ୍‌ଲାମୀୟ ଶୈଳୀରେ "ସଲାମ୍" କହି ସାକ୍ଷାତ କରିଥାନ୍ତି । ସେ ଯାହା ହେଉ, ଏହା କେବେ ସମ୍ଭବ ନୁହେଁ ଯେ, ଗୋଟିଏ ପଟେ ଆମ ଧର୍ମ ତ ଆମକୁ ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତା ଦେବାପାଇଁ ଉପଦେଶ ଦେଉଥିବ ଓ ତା ସହିତ ଆମଠାରୁ ଏ ଆଶା ମଧ୍ୟ କରୁଥିବ ଯେ, ଲୋକମାନଙ୍କୁ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*


**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ବିରୋଧ କରି ସେମାନଙ୍କର ଅଧିକାରକୁ ଛଡ଼ାଇ ନିଅନ୍ତୁ ଓ ସେମାନଙ୍କ ବିରୋଧରେ ଅସ୍ତ୍ରଶସ୍ତ୍ର ନେଇ ଛିଡ଼ା ହୋଇଯାଆନ୍ତୁ । ଏହା ସମ୍ଭବ ନୁହେଁ ଯେ, ଇସ୍‌ଲାମୀୟ ଶିକ୍ଷାରେ ଏପରି Contradistinction ମିଳିଥାଏ । ତେଣୁ ଏହା ସ୍ପଷ୍ଟ ହେଉ ଯେ, ପ୍ରତ୍ୟେକ ପ୍ରକାର ଚରମପନ୍ଥୀ କାର୍ଯ୍ୟାକଳାପ, ଅତ୍ୟାଚାର ଏବଂ ଜୁଲମ୍ ଇସ୍‌ଲାମୀୟ ଶିକ୍ଷାର ସମ୍ପୂର୍ଣ୍ଣ ଓଲଟା ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଇସ୍‌ଲାମ୍‌ର ବାସ୍ତବିକତାକୁ ବୁଝିବାକୁ ହେଲେ ଜରୁରୀ ଅଟେ ଯେ, ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଯୁଗ ଉପରେ ଦୃଷ୍ଟି ନିକ୍ଷେପ କରାଯାଉ । ଯେତେବେଳେ ଆପଣ ସ:ଆ:ସ ଅଲ୍ଲାଃଙ୍କ ନବୀ ହେବାର ଦାବି କଲେ, ସେତେବେଳେ ଆପଣ ସ:ଆ:ସ ଓ ଆପଣଙ୍କ ସାହାବାମାନେ ଭୀଷଣ ବିରୋଧ ଓ ଅତ୍ୟାଚାରର ସମ୍ମୁଖିନ ହେଲେ । ପ୍ରାରମ୍ଭିକ ମୁସଲମାନମାନଙ୍କ ମଧ୍ୟରୁ କେବଳ କିଛି ଲୋକଙ୍କ ସମ୍ବନ୍ଧ ସମ୍ମାନୀୟ ଓ ଧନୀ ଲୋକମାନଙ୍କ କୁଟୁମ୍ବଙ୍କ ସହିତ ଥିଲା । ଯେବେ କି ଅଧିକାଂଶ ଲୋକେ ଗରୀବ ଓ ଗୁଲାମ ଥିଲେ । ମକ୍କାର କୁଫାର (ଅବିଶ୍ୱାସକାରୀମାନେ) ସେହି ଗରୀବ ମୁସଲମାନମାନଙ୍କୁ ଡ଼ରାଇ ଧମକାଇ ତାଙ୍କ ଉପରେ ଭୀଷଣ ଅତ୍ୟାଚାର କରୁଥିଲେ । କିନ୍ତୁ ରସୁଲେ କରିମ୍ ସ:ଆ:ସ ଅତ୍ୟନ୍ତ ଧୈର୍ଯ୍ୟ ଓ ସାହାସର ସହିତ ଏଭଳି ଅମାନବିୟ ବ୍ୟବହାର ଓ ଅନ୍ୟାୟକୁ ବରଦାସ୍ତ କରି ଏବଂ ନିଜ ଅନୁଗାମୀମାନଙ୍କୁ ମଧ୍ୟ ଧୈର୍ଯ୍ୟ ଦେଖାଇବାପାଇଁ ଉପଦେଶ ଦେଉଥିଲେ । ଉଦାହରଣ ସ୍ୱରୁପ ଏକଦା ରସୁଲେ କରିମ୍ ସ:ଆ:ସ ଗୋଟିଏ ମୁସଲମାନ ଦମ୍ପତି ଓ ତାଙ୍କ ଛୋଟ ପିଲାଙ୍କୁ ଦେଖିଲେ ଯେ, କୁଫାର ସେମାନଙ୍କୁ ମାରୁଥିଲେ ଓ ତାଙ୍କ ଉପରେ ଅତ୍ୟାଚାର କରୁଥିଲେ । ଏହିଭଳି ଅତ୍ୟାଚାର ଓ ପାଶବିକ ବ୍ୟବହାର କରାଯାଉଥିବା ସତ୍ତ୍ୱେ ମଧ୍ୟ ରସୁଲେ୍ କରିମ୍ ସ:ଆ:ସ ସେହି ଅତ୍ୟାଚାରିତ ମୁସଲମାନ ଦମ୍ପତିଙ୍କୁ ଧୈର୍ଯ୍ୟର ସହିତ ଅତ୍ୟାଚାରକୁ ସହିଯିବା ପାଇଁ ଉପଦେଶ ଦେଲେ । ଆପଣ ସ:ଆ:ସ ସେମାନଙ୍କୁ ନାଁ ତ ପ୍ରତିଶୋଧ ନେବାପାଇଁ ନିର୍ଦ୍ଦେଶ ଦେଲେ ଓ ନାଁ ତ ଅନ୍ୟ ମୁସଲମାନମାନଙ୍କୁ ସେହି କୁଫାରମାନଙ୍କ ସହିତ ମୁକାବିଲା କରିବାପାଇଁ ଡ଼ାକିଲେ । ବରଂ ଆପଣ ସ:ଆ:ସ ନିଜର ସାହାବାମାନଙ୍କୁ ଶାନ୍ତିରେ ରହିବାପାଇଁ ଉପଦେଶ ଦେଲେ ଓ କହିଲେ ଯେ, ଯଦି ଜୀବନ ପଛେ ଚାଲିଯାଉ କିନ୍ତୁ କୌଣସି ପ୍ରକାରର ଲଢ଼େଇ ଝଗଡ଼ା କରନାହିଁ । ଏହାର ପ୍ରତିବଦଳ ଆଖିରାତ୍ (ମୃତ୍ୟୁପରେ) ଅଲ୍ଲାଃ ତାଲାଙ୍କ ନିକଟରେ ହାଜିର ହେବାରେ ମିଳିବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଅତଏବ ରସୁଲେ କରିମ୍ ସ:ଆ:ସ ଏବଂ ତାଙ୍କ ସାହାବାମାନେ ଅନେକ ବର୍ଷ ପର୍ଯ୍ୟନ୍ତ ଏହିଭଳି ଅତ୍ୟାଚାରକୁ ବରଦାସ୍ତ କରି ଚାଲିଲେ ଓ ଯେ ପର୍ଯ୍ୟନ୍ତ ହିଜ୍‌ରତ୍ କରି ସେମାନେ ମଦିନା ଚାଲି ନ ଗଲେ । କିନ୍ତୁ ହିଜ୍‌ରତ୍ କରିବାକୁ ଅଧିକ ଦିନ ବିତିନଥିଲା ଯେ, ମକ୍କାର କୁଫାର ମୁସଲମାନମାନଙ୍କ ପଛରେ ଗୋଡ଼ାଇ ତାଙ୍କ ନୂଆ ସ୍ଥାନରେ ମଧ୍ୟ ପହଂଚିଗଲେ ଓ ସେଠାରେ ଯାଇ ମୁସଲମାନମାନଙ୍କ ବିରୋଧରେ ଯୁଦ୍ଧ ଆରମ୍ଭ କରିଦେଲେ । ସେତେବେଳେ ଅଲ୍ଲାଃ ତାଲା ପ୍ରଥମଥର ପାଇଁ ମୁସଲମାନମାନଙ୍କୁ ମୁକାବିଲା କରିବା ନିମନ୍ତେ ଅନୁମତି ପ୍ରଦାନ କଲେ । ଏହି ଅନୁମତି ଦେବାର ଚର୍ଚ୍ଚା ପବିତ୍ର କୋରାନ୍‌ର ସୁରତୁଲ୍ ହଜ୍ ର ଆୟତ ନଂ ୪୦ ରୁ ୪୧ ରେ କରିଛନ୍ତି । ଏହି ଆୟତ ଗୁଡ଼ିକରେ ଅଲ୍ଲାଃ ତାଲା କହୁଛନ୍ତି ଯେ, ଯୁଦ୍ଧ କରିବାପାଇଁ ଅନୁମତି ଏଥିଯୋଗୁ ଦିଆଯାଇଛି କି, ମୁସଲମାନମାନଙ୍କ ଉପରେ ଅତ୍ୟାଚାର କରାଯାଉଅଛି ଓ ଏହି ଲୋକମାନେ କେବଳ ଇସ୍‌ଲାମ୍‌କୁ ନୁହେଁ ବରଂ ସମସ୍ତ ଧର୍ମକୁ ନିଃଶେଷ କରିବାକୁ ଚାହୁଁଛନ୍ତି । ପବିତ୍ର କୋରାନ୍ କହୁଛି ଯେ, ଯଦି ମୁସଲମାନମାନଙ୍କୁ ପ୍ରତିରକ୍ଷା କରିବାପାଇଁ ଅନୁମତି ଦିଆଯାଇନଥାନ୍ତା । ତେବେ କୌଣସି ମଧ୍ୟ ଚର୍ଚ୍ଚ, ଗୀର୍ଜା, ମନ୍ଦିର, ମସ୍‌ଜିଦ୍ ଏବଂ କୌଣସି ଧର୍ମର ଉପାସନା ପୀଠ ସୁରକ୍ଷିତ ରହିନଥାନ୍ତା । ଅତଏବ ଯଦି ରସୁଲେ କରିମ୍ ସ:ଆ:ସ ଓ ତାଙ୍କ ସାହାବାମାନଙ୍କୁ ବାଧ୍ୟ ହୋଇ ଯୁଦ୍ଧରେ ଭାଗ ନେବାକୁ ପଡ଼ିଥିଲା ତେବେ ଏହି ସମସ୍ତ ଲୋକମାନଙ୍କର ଅଧିକାରକୁ ସୁରକ୍ଷା ଦେବା ଯୋଗୁଁ ହିଁ ଥିଲା ଓ ଏଥିପାଇଁ ଥିଲା ଯେ, ଏହା ନିଶ୍ଚିତ କରାଯାଉ କି, ଇସାଇ, ୟହୁଦୀ, ହିନ୍ଦୁ, ମୁସଲମାନ ଓ ଅନ୍ୟାନ୍ୟ ଧର୍ମାଲମ୍ବୀମାନଙ୍କୁ ନିଜ ନିଜର ଆସ୍ଥା ଓ ବିଶ୍ୱାସ ମୁତାବକ ନିଜ ଇଚ୍ଛା ଅନୁସାରେ ଉପାସନା କରିବାର ଅଧିକାର ମିଳୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଯେପରି କି ଏ ଆପତି ଓ ଅଭିଯୋଗ କରାଯାଉଅଛି ଯେ, ଯଦି ଇସ୍‌ଲାମ୍ ମୁସଲମାନମାନଙ୍କୁ ଜୋର୍ ଜବରଦସ୍ତି ନିଜ ଶିକ୍ଷାର ପ୍ରଚାର ପ୍ରସାର, ଦେଶ ଉପରେ କବ୍‌ଜା କରିବା ଓ ଅନ୍ୟାନ୍ୟ ଧର୍ମକୁ ଶେଷ କରିବାପାଇଁ ଅନୁମତି ଦେଇଥାନ୍ତା ତେବେ ପବିତ୍ର କୋରାନ୍ ଖୋଲାଖୋଲି ଭାବେ କାହିଁକି ଏକଥା କହିଥାନ୍ତା ଯେ, ଅନ୍ୟ ଧର୍ମର ସୁରକ୍ଷା କରିବା ଓ ଅନ୍ୟ ଧର୍ମର ଲୋକମାନଙ୍କ ଅଧିକାରକୁ ସୁରକ୍ଷା ଦେବା ହେଉଛି ମୁସଲମାନମାନଙ୍କର ଧର୍ମିୟ କର୍ତବ୍ୟ । ପ୍ରକୃତ କଥା ହେଉଛି ଏହା ଯେ, ପ୍ରାରମ୍ଭିକ ମୁସଲମାନମାନେ ବ୍ୟକ୍ତିଗତ ଓ ଧାର୍ମିକ ସ୍ୱାଧିନତାର ସ୍ଥାୟୀ ସିଦ୍ଧାନ୍ତକୁ ପ୍ରତିଷ୍ଠା କରିବାପାଇଁ ନିଜର ଜୀବନ ଦେଇଦେଇଛନ୍ତି । ଏହି ସ୍ୱାଧିନତା ହେଉଛି ଇସ୍‌ଲାମୀୟ ଆସ୍ଥାର ବୁନିୟାଦ ଓ ଏହା ସବୁଦିନ ପାଇଁ ପବିତ୍ର କୋରାନ୍‌ରେ ସୁରକ୍ଷିତ ହୋଇଯାଇଛି । ପବିତ୍ର କୋରାନ୍ ର ସୁରାଃ ବକ୍‌ରାର ଆୟତ ନଂ ୨୫୭ରେ ଅଲ୍ଲାଃ ତାଲା ଏ ନିର୍ଦ୍ଦେଶ ଦେଇଛନ୍ତି ଯେ, "ଧର୍ମ ସଂକ୍ରାନ୍ତରେ କୌଣସି ବାଧ୍ୟବାଧକତା ନାହିଁ" । ଏହି ସ୍ୱାଧିନ ଚିନ୍ତାଧାରା, ଧର୍ମିୟ ସ୍ୱାଧିନତା ଏବଂ ମତ ଦେବାର ସ୍ୱାଧିନତା ସପକ୍ଷରେ ବଡ଼ ସ୍ପଷ୍ଟ ଉକ୍ତି ଯେଉଁଥିରେ କୌଣସି ପ୍ରକାରର ସନ୍ଦେହ ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଇସ୍‌ଲାମ୍‌ର ପ୍ରତିଷ୍ଠାତା ନବୀ ସ:ଆ:ସ ଏବଂ ଖୋଲପାଏ ରାଶ୍‌ଦିନ୍ ଯୁଗରେ ଅଣମୁସଲମାନ ଲୋକମାନଙ୍କର ଅଧିକାରକୁ କେବେ ବି ଛଡ଼ାଇ ନିଆଯାଇନାହିଁ ଓ ନାଁ କେବେ ସେମାନଙ୍କୁ ଇସ୍‌ଲାମ୍ ଗ୍ରହଣ କରିବାପାଇଁ ବାଧ୍ୟ କରାଯାଇଛି ଓ ନାଁ ନିଜର ଆସ୍ଥା ଓ ବିଶ୍ୱାସକୁ ଛାଡ଼ିବାପାଇଁ ବାଧ୍ୟ କରାଯାଇଅଛି । ଆଁ ହଜ୍‌ରତ୍ ସ:ଆ:ସ ନିଜର ସମଗ୍ର ଜୀବନ ଶାନ୍ତି ଧର୍ମ ଧର୍ମ ମଧ୍ୟରେ ବାର୍ତା ଓ ବିଭିନ୍ନ ଜାତି ମଧ୍ୟରେ ଆଲୋଚନା ଏବଂ ସମସ୍ତଙ୍କୁ ସମ୍ମାନ ଦେବାପାଇଁ ଚେଷ୍ଟା କରିଛନ୍ତି । ଉଦାହରଣ ସ୍ୱରୁପ ମଦିନା ହିଜ୍‌ରତ୍ କରି ଯିବା ପରେ । ଆଁ ହଜ୍‌ରତ୍ ସ:ଆ:ସ ଇହୁଦୀମାନଙ୍କ ସହିତ ଗୋଟିଏ ଚୁକ୍ତି କଲେ, ଏହି ଚୁକ୍ତି ଅର୍ନ୍ତଗତ ଗୋଟିଏ ମିଳିତ ସରକାର ଗଠନ କରାଗଲା ଓ ଇସ୍‌ଲାମ୍‌ର ପ୍ରତିଷ୍ଠାତା ନବୀ ସ:ଆ:ସଙ୍କୁ ସର୍ବସମ୍ମତି କ୍ରମେ ଏହି ପ୍ରଶାସନର ମୁଖ୍ୟ ଭାବେ ଚୟନ କରାଗଲା । ଏହି ଚୁକ୍ତିରେ ଥିବା ସର୍ତାବଳୀ ମୁତାବକ ମୁସଲମାନମାନେ ଏବଂ ଇହୁଦୀମାନେ ସରକାରଙ୍କୁ ସାହାଯ୍ୟ ସହଯୋଗ କରିବାର ଓ ନିଷ୍ଠାପର ନାଗରୀକ ହେବାପାଇଁ ଶପଥ କଲେ । ଏହି ଚୁକ୍ତି ଅର୍ନ୍ତଗତ ପ୍ରତ୍ୟେକଙ୍କୁ ନିଜ ନିଜର ଧର୍ମ ଓ ଆସ୍ଥା ମୁତାବକ ବିନା କୌଣସି ଭୟ ଓ ପ୍ରତିବନ୍ଧକରେ ପରିଚାଳିତ ହେବାପାଇଁ ଅନୁମତି ଦିଆଯାଇଥିଲା । ଆଁ ହଜ୍‌ରତ୍ ସ:ଆ:ସ କେବେ ମଧ୍ୟ ଏହି ଚୁକ୍ତିର ଉଲଘଂନ କରିନାହାନ୍ତି ଯେବେକି, ଅନ୍ୟପଟେ ଏପରି କେତେକ ଅବସର ଆସିଛି ଯେତେବେଳେ ଅଣମୁସଲମାନମାନେ ଏହି ଚୁକ୍ତିର ଉଲଂଘନ କରିଛନ୍ତି । ତେଣୁ ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା କାନୁନ ମୁତାବକ ସେମାନଙ୍କୁ ଦଣ୍ଡ ଦିଆଯାଇଥିଲା ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଇସ୍‌ଲାମ୍ କେବେ ମଧ୍ୟ ନିଜ ଅନୁଯାୟୀମାନଙ୍କୁ ଏ ଅନୁମତି ଦେଇନାହିଁ ଯେ, ସେମାନେ ଶକ୍ତି ପ୍ରୟୋଗ କରି ନିଜର ଆସ୍ଥା ଓ ବିଶ୍ୱାସକୁ ପ୍ରଚାର ପ୍ରସାର କରନ୍ତୁ । ଓ ନା ହିଁ କୌଣସି ମୁସଲମାନ ହୁକୁମତ୍ ଓ ନେତାଙ୍କୁ ଏ ଅନୁମତି ମିଳିଛି ଯେ, ସେ ଘୋଷଣା କରନ୍ତୁ କି, ଏ ଦେଶରେ କେବଳ ମୁସଲମାନମାନଙ୍କୁ ରହିବାର ଅନୁମତି ରହିଛି ବୋଲି । ଯେମିତି କି ମୁଁ କହିସାରିଛି ଯେ ମଦିନାରେ ହୋଇଥିବା ଚୁକ୍ତି ଅର୍ନ୍ତଗତ ପ୍ରତ୍ୟେକ ସମ୍ପ୍ରଦାୟର ଲୋକମାନଙ୍କୁ ନିଜ ନିଜର ପ୍ରଚଳନ ଏବଂ ବିଶ୍ୱାସ ଓ ଆସ୍ଥା ଉପରେ ପରିଚାଳିତ ହେବାପାଇଁ ସ୍ୱାଧିନତା ମିଳିଥିଲା । ସେହି ସାମାଜିକ ଅବସ୍ଥା ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଉପରେ ପର୍ଯ୍ୟବେକ୍ଷିତ ଥିଲା ଯେ, ପ୍ରତ୍ୟେକ ନିଜ ନିଜର ଧର୍ମ ଓ ଆସ୍ଥା ଉପରେ ରହି ନିଜର ଦାୟିତ୍ୱକୁ ନିର୍ବାହ କରିବେ ଏବଂ ପ୍ରତ୍ୟେକ ଏ ରାଜ୍ୟର ନିଷ୍ଠାପର ନାଗରିକ ହୋଇ ରହିବେ ଓ ପ୍ରତ୍ୟେକ ଏପରି କାମରୁ ନିବୃତ ରହିବେ ଯଦ୍ୱାରା ସମାଜର ଶାନ୍ତି ଓ ସୁରକ୍ଷାକୁ ବିପଦ ପହଂଚୁଥିବ । ତେଣୁ ଏହା ସମ୍ପୁର୍ଣ୍ଣରୂପେ ଅନ୍ୟାୟ ଯେ, ବର୍ତମାନ କିଛି ପଥଭ୍ରଷ୍ଟ ମୁସଲମାନ ଓ ଖରାପ କାର୍ଯ୍ୟ କରୁଥିବା ମୁସଲମାନମାନଙ୍କର ଦୋଷ ଇସ୍‌ଲାମ୍‌ର ଶାନ୍ତିପ୍ରୀୟ ଶିକ୍ଷା ଉପରେ ପକାଯାଉ । ଏହିଭଳି ଲୋକମାନେ ଓ ଏହିଭଳି ଚରମପନ୍ଥୀ ସଂଘଠନଗୁଡ଼ିକ ଯେଉଁମାନଙ୍କର ସମ୍ବନ୍ଧ କେବଳ ନିଜସ୍ୱ ଲାଭ, ସନ୍ତ୍ରାସବାଦ ଓ ଚରମପନ୍ଥୀ କାର୍ଯ୍ୟକଳାପ ସହିତ ରହିଛି, ଇସ୍‌ଲାମ୍ ସହିତ ସେମାନଙ୍କର କୌଣସି ସମ୍ପର୍କ ନାହିଁ । ସେମାନେ ଅବଶ୍ୟ ନିଜର ଘୃଣିତ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## ହଦିସ୍ ନବଓ୍ୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian
ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.5 Thursday 29 Oct 2020 Issue No. 44

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

**MANAGER**
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

## ୫ ଅକ୍ଟୋବର ୨୦୧୯ ଶନିବାରର ବଳକାଅଂଶ

## ମହିଳାମାନଙ୍କ ଇଜ୍‌ଲାସ୍‌ରୁ ଅଭିଭାଷଣ ପ୍ରଦାନ

## ବଳକାଅଂଶ

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଏହିଭଳି ପରିବେଶରେ ତରବିୟତ କରିବା ବହୁତ ବଡ଼ କଥା ତେଣୁ ବହୁତ ବୁଝି ବିଚାରି ତର୍‌ବିୟତ କରିବାର ପଦକ୍ଷେପ ନେବା ଉଚିତ । ଯଦିଚ ପୁରୁଷମାନେ ନିଜର କର୍ତବ୍ୟକୁ ସଠିକ୍ ରୂପେ ସମ୍ପାଦନ କରୁନାହାନ୍ତି ଓ ସେମାନଙ୍କର କର୍ମର ପ୍ରଭାବ ସେମାନଙ୍କ ପିଲାମାନଙ୍କ ଉପରେ ପଡ଼ିଥାଏ ଓ ବିଶେଷରୂପେ ପୁଅପିଲାମାନଙ୍କ ତାହାର ଖରାପ ପ୍ରଭାବ ପଡ଼ିଥାଏ, ତେଣୁ ଏହି ଭଳି ପୁରୁଷମାନଙ୍କୁ ମଧ୍ୟ ବୁଝାନ୍ତୁ । ନିଜ ସ୍ୱାମୀମାନଙ୍କ ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ମହିଳାମାନଙ୍କୁ ନିଜ ଘରର ନିରୀକ୍ଷକ ରୂପେ ଜଣେ ଉଚ୍ଚ କୋଟୀର ଆଦର୍ଶ ହେବାର ଆବଶ୍ୟକତା ରହିଛି । ଆମକୁ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଏକଥା କହିଛନ୍ତି ଯେ, ମୋ ସାହାବାମାନେ ହେଉଛନ୍ତି ତୁମମାନଙ୍କ ପାଇଁ ଆଦର୍ଶ ଏବଂ ପୁରୁଷମାନେ ମଧ୍ୟ ଓ ମହିଳାମାନେ ମଧ୍ୟ ଆଦର୍ଶ ଅଟନ୍ତି । ଏହା ନୁହେଁ ଯେ, କେବଳ ପୁରୁଷମାନେ ହିଁ ଆଦର୍ଶ ବରଂ ଏପରି ମହିଳାମାନେ ମଧ୍ୟ ଆଦର୍ଶ ଅଟନ୍ତି ଯେଉଁମାନେ ହଜ୍‌ରତ୍ ମୁହମଦ ମୁସ୍ତଫା ସ:ଆ:ସଙ୍କ ହାତରେ ବୟତ କରିବାର ସୌଭାଗ୍ୟ ପାଇଥିଲେ । ସେହି ମହିଳାମାନେ ମଧ୍ୟ ନିଜର ଉଚ୍ଚକୋଟୀର ଆଦର୍ଶ ସ୍ଥାପନ କରିଛନ୍ତି । ସାହାବିୟାତ୍ (ଅର୍ଥାତ ମହିଳା ସାହାବିମାନେ) ଏପରି ଥିଲେ ଯେଉଁମାନଙ୍କ ଉପାସନାର ଶୈଳୀକୁ ଆପଣାଇବା ପାଇଁ ତାହା ଆମ ପାଇଁ ଆଦର୍ଶ ଅଟେ । ଏମିତି ଉଦାହରଣ ମିଳୁଛି ଯେ, ସେମାନେ ସାରା ସାରା ରାତି ଉପାସନା କରିବାରେ ହିଁ ବିତାଇ ଦେଇଛନ୍ତି ଓ ଦିନ ତମାମ ରୋଜା ରଖିଛନ୍ତି ଫଳତଃ ତାଙ୍କ ସ୍ୱାମୀମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ଆସି ଆପତି ଅଭିଯୋଗ କଲେ ଯେ, ମୋ ସ୍ତ୍ରୀ ଏପରି ଜଣେ ବ୍ୟକ୍ତି ଯିଏ ସାରା ରାତି ଉପାସନାରେ ବ୍ୟସ୍ତ ରହୁଛନ୍ତି ସେଥିପାଇଁ ସେ ନିଜର କର୍ତବ୍ୟ ଓ ଆମପ୍ରତି ଥିବା ଅଧିକାରକୁ ପ୍ରଦାନ କରୁନାହାନ୍ତି । ସୁତରାଂ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଏପରି ମହିଳାମାନଙ୍କୁ ବୁଝାଇଲେ ଯେ, ମଧମ ମାର୍ଗକୁ ଗ୍ରହଣ କର ଅର୍ଥାତ ନାଁ ତ ଅଧିକ ଉପାସନାରେ ବ୍ୟସ୍ତ ହୋଇଯାଅ ଯେ, ଘର ପ୍ରତି ଥିବା କର୍ତବ୍ୟକୁ ତୁମେ ସମ୍ପାଦନ କରିପାରିବ ନାହିଁ ଓ ନାଁ ତ ତୁମେ ସାଂସାରିକ ମୋହମାୟା ପ୍ରତି ଏତେ ଟାଣି ହୋଇ ଚାଲିଯାଅ ଯେ, ଧର୍ମ ବିଷୟରେ କିଛି ଜାଣିପାରିବ ନାହିଁ । ତେଣୁ ଆପଣ ସ:ଆ:ସ କହିଲେ ଯେ, ମଧ୍ୟମ ମାର୍ଗକୁ ହିଁ ଗ୍ରହଣ କର । ଅତଏବ ଯଦି ଅଭିଯୋଗ ହୋଇଛି ତ କେବଳ ଏଥିପାଇଁ ଯେ, ଆମ ପତ୍ନୀମାନେ ସର୍ବଦା ଈଶ୍ୱର ଉପାସନାରେ ହଁ ଲିପ୍ତ ରହୁଛନ୍ତି । ସେହି ପରିବେଶ ଏମିତି ଥିଲା ଯଦ୍ୱାରା ସେମାନଙ୍କର ଚରିତ୍ର ପରିବର୍ତନ ହୋଇଯାଇଥିଲା । ଯଦି ମହିଳାମାନଙ୍କୁ ବି କେବେ ତାଙ୍କ ସ୍ୱାମୀମାନଙ୍କ ସମ୍ବନ୍ଧରେ ଆପତି ଅଭିଯୋଗ ଥିଲା ତେବେ ତାହା ଏହା ଯେ, ତାଙ୍କ ସ୍ୱାମୀମାନେ ଦିନ ତମାମ ରୋଜା ରଖୁଛନ୍ତି ଓ ସାରା ରାତି ଉପାସନା କରୁଛନ୍ତି । ଅତଏବ ରିଓ୍ୱାୟତରେ ଆସୁଛି ଯେ, ଏକଦା ଜଣେ ମହିଳା ସାହାବିଙ୍କର ଚେହେରା ଏପରି ହୋଇଯାଇଥିଲା ଯେ, ଯେମିତି ସେ ବିଲ୍‌କୁଲ୍ ନିଜର ଧ୍ୟାନ ରଖୁନଥିଲେ । ନାଁ ତ ତାଙ୍କ ବସ୍ତ୍ରର କୌଣସି ଧ୍ୟାନ ଥିଲା ନାଁ ମୁଣ୍ଡ କୁଣ୍ଡାଉଥିଲେ ନା ତ ସେ ଯଗୁ ଅନୁସାରେ କୌଣସି ସୃଙ୍ଗାର । ଏହାକୁ ଦେଖି ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଜଣେ ପତ୍ନୀ ତାଙ୍କୁ ଏକଥା ପଚାରିଲେ ଯେ, ତୁମେ ନିଜର ଏଭଳି ଅବସ୍ଥା କଣ ରଖିଛ ? ଏଥିରେ ସେହି ମହିଳାଜଣକ ଉତର ଦେଲେ ଯେ, ଯଦି ମୁଁ ସଜବାଜ ହେବି ଓ ନିଜର ରୂପ ସୌନ୍ଦର୍ଯ୍ୟକୁ ଠିକ୍ ଠାକ କରିବି ତେବେ କାହା ପାଇଁ, ମୋ ସ୍ୱାମୀ ତ ସାରା ରାତି ଉପାସନା କରୁଛନ୍ତି ଓ ଦିନ ତମାମ ରୋଜା ରଖୁଛନ୍ତି । ମୋ ପ୍ରତି ତ ତାଙ୍କର କୌଣସି ଧ୍ୟାନ ହିଁ ନାହିଁ । ଏକଥା ଶୁଣି ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ପତ୍ନୀ ଯାଇ ଆପଣ ସ:ଆ:ସଙ୍କ ଗୋଚରେ ଏକଥା ଜଣାଇଲେ ଯେ, ଅମୁକ ବ୍ୟକ୍ତିଙ୍କ ସ୍ତ୍ରୀଙ୍କ ଅବସ୍ଥା ଏପରି ଓ ସେ ନିଜ ସ୍ୱାମୀଙ୍କ ସମ୍ବନ୍ଧରେ ଏକଥା କହିଲେ ଯେ, ତାଙ୍କ ସ୍ୱାମୀର ତାଙ୍କ ପ୍ରତି କୌଣସି ଧ୍ୟାନ ହିଁ ନାହିଁ । ରୋଜା ଏବଂ ଈଶ୍ୱର ଉପାସନାରେ ହିଁ ମଜ୍ଜି ରହିଛନ୍ତି । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ସେହି ଲୋକଟକୁ କହିଲେ ଯେ, ତୁମ ସ୍ତ୍ରୀଙ୍କ ପାଇଁ ମଧ୍ୟ ତୁମର କର୍ତବ୍ୟ ରହିଛି । ପୁଣି ଆପଣ ସ:ଆ:ସ କହିଲେ ଯେ, ମୁଁ ତୁମମାନଙ୍କଠାରୁ ଅଧିକ ଅଲ୍ଲାଃଙ୍କ ନିକଟତର । ମୁଁ ରୋଜ ମଧ୍ୟ ରଖୁଛି, ରୋଜା ଖୋଲୁଛି, ପିଲାମାନଙ୍କର ଅଧିକାରକୁ ମଧ୍ୟ ପ୍ରଦାନ କରୁଅଛି, ମୋ ସ୍ତ୍ରୀମାନଙ୍କ ଅଧିକାର ମଧ୍ୟ ଦେଉଅଛି ଏବଂ ସମାଜ ପ୍ରତି ଥିବା କର୍ତବ୍ୟ କୁ ବି ମୁଁ ସମ୍ମାନ କରୁଛି । ତେଣୁ ନିଜ ସ୍ତ୍ରୀ, ପିଲାମାନଙ୍କର ଆପ୍‌କୁ ମଧ୍ୟ ପ୍ରଦାନ କର । ଅତଏବ କିଛି ଦିନ ପରେ ସେହି ମହିଳା ସାହାବିଜଣକ, ପୂର୍ବରୁ ଯାହାଙ୍କର ଅବସ୍ଥା ବହୁତ ଖରାପ ଥିଲା, ସେ ପୂର୍ନବାର ଆଉଥରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପତ୍ନୀଙ୍କ ନିକଟକୁ ଆସିଲେ, ସେତେବେଳେ ସେ ବହୁତ ସଜବାଜ ହୋଇଥିଲେ, ଭଲ ବସ୍ତ୍ର ପିନ୍ଧିଥିଲେ ଏବଂ ଅତର ଲଗାଇଥିଲେ । ତେଣୁ ତାଙ୍କୁ ସେ ପଚାରିଲେ ଯେ, ଆଜି ବହୁତ ସଜବାଜ ହୋଇଛ କାରଣ କଣ ? ଏଥିରେ ସେହି ମହିଳା ସାହାବି ଜଣକ କହିଲେ ଯେ, ଏହା ଏଥିଯୋଗୁଁ ହୋଇପାରିଛି କି, ଆଁ ହଜ୍‌ରତ୍ ସ:ଆ:ସଙ୍କ କହିବା ଯୋଗୁଁ ମୋ ସ୍ୱାମୀ ମୋ ପ୍ରତି ଧ୍ୟାନ ଦେଉଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ସୁତରାଂ ନିଜ ଜନ୍ମର ଉଦ୍ଦେଶ୍ୟକୁ ପୂରଣ କରିବାପାଇଁ ଏବଂ ନିଜ ସନ୍ତାନମାନଙ୍କୁ ଖରାପ ରାସ୍ତାରୁ ବଂଚାଇବା ପାଇଁ ଏବଂ ସେମାନଙ୍କୁ ଖୁଦାତାଲାଙ୍କ ନିକଟତର କରାଇବା ପାଇଁ ଆମେ ନିଜ ଈଶ୍ୱର ଉପାସନା ପ୍ରତି ଧ୍ୟାନ ଦେବା ଆବଶ୍ୟକ, ଆମକୁ ନିଜ ଚରିତ୍ର ଓ ନୈତିକତା ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଆମକୁ ନିଜର ପବିତ୍ର ଆଦର୍ଶକୁ ଦେଖାଇବାର ଆବଶ୍ୟକତା ରହିଛି ମୁଁ ଗତକାଲି ମଧ୍ୟ ଖୁତ୍‌ବାରେ ଏକଥା କହିଥିଲି ଓ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଥିଲି । ପୁରୁଷମାନଙ୍କୁ ତ ମସ୍‌ଜିଦ୍‌ରେ ଯାଇ ଉପାସନା କରିବା ନିମନ୍ତେ ନିର୍ଦ୍ଦେଶ ରହିଛି ଯେ, ସେମାନେ ପାଂଚବେଳା ନମାଜ ସେଠାରେ ଯାଇ ବାଯମାତ୍ ପଢ଼ନ୍ତୁ କିନ୍ତୁ ମହିଳାମାନଙ୍କ ନିମନ୍ତେ ଘରେ ରହି ନମାଜ ପଢ଼ିବାପାଇଁ ଅନୁମତି ମିଳିଛି ଓ ପୂଣ୍ୟରେ ମଧ୍ୟ ସେମାନେ ପୁରୁଷମାନଙ୍କ ସହିତ ସମାନ ତେଣୁ ଏହିଭଳି ସୁବିଧାରୁ ଯଦି ଜଣେ ଲାଭ ନ ଉଠାଇବ ତେବେ ଏହାଠାରୁ ଦୁର୍ଭାଗ୍ୟ କଣ ହୋଇପାରେ ? ଜଣେ ଅହେମଦୀ ମହିଳା ଯିଏ ଏ ଯୁଗର ଇମାମଙ୍କ ଉପରେ ବିଶ୍ୱାସ ଆଣିଛି ଯେ, ବର୍ତମାନ ଯୁଗରେ ଯେଉଁଭଳି ଫିତ୍‌ନା ଫିସାଦ୍ (ବିଭ୍ରାଟ) ମୂଳକ ପରିସ୍ଥିତି ଉପୁଜୁଛି, ସେଥିରୁ ମୁଁ ବଂଚିକି ରହିବି । ତାହା ହେଲେ ସେ ଜଣେ ଉପାସନାକାରୀ ହେବେ ଓ ଈଶ୍ୱରଙ୍କ ଉପାସନାର ଅଧିକାରକୁ ପ୍ରଦାନ କରିବାବାଲା ହେବେ । ଯେତେବେଳେ ସେ ଏହିଭଳି ଈଶ୍ୱର ଉପାସନାକାରୀ ହୋଇଯିବେ ସେତେବେଳେ ତାଙ୍କୁ ଅନ୍ୟାନ୍ୟ ପୂଣ୍ୟକର୍ମ କରିବାର ସୌଭାଗ୍ୟ ମଧ୍ୟ ମିଳିଯିବ । ତା'ପରେ ଏକଥା ପ୍ରତି ଧ୍ୟାନ ଆକର୍ଷଣ ହେବ ଯେ, ମୁଁ ଅଲ୍ଲାଃ ତାଲା ଓ ତାହାଙ୍କ ରସୁଲଙ୍କର ପୂର୍ଣ୍ଣ ଆଜ୍ଞାକାରୀ ହେବି ସେତେବେଳେ ଯାଇ କାନିତାତ୍ ଗୋଷ୍ଠୀରେ ତାହାଙ୍କ ଗଣନା ହେବ । ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି ଯେ, ମହିଳାମାନେ ହେଉଛନ୍ତି ନିଜ ଘରର ଓ ନିଜ ସ୍ୱାମୀଙ୍କର ନିରୀକ୍ଷକ । ସେ ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତରେ ତାଙ୍କ ଘର ଓ ତାଙ୍କ ସନ୍ତାନମାନଙ୍କର ସୁରକ୍ଷା ଓ ସେମାନଙ୍କ ପ୍ରତି ଥିବା କର୍ତବ୍ୟ ସମ୍ପାଦନ କରିଥାଏ । ଅତଏବ ସନ୍ତାନମାନଙ୍କର ତର୍‌ବିୟତର ଦାୟିତ୍ୱ ସବୁଠାରୁ ଅଧିକା ମହିଳାମାନଙ୍କ ଉପରେ ନ୍ୟସ୍ତ କରାଯାଇଅଛି ଯେ, ସ୍ୱାମୀ ଯଦି ବାହାର କାମରେ ବ୍ୟସ୍ତ ରହିଛନ୍ତି, ଘରେ ନାହାନ୍ତି, ତାହ ହେଲେ ମହିଳା ହିଁ ସେହି ଘର ନିରୀକ୍ଷକ ଅଟନ୍ତି । ସ୍କୁଲରୁ ପିଲାମାନେ ଘରକୁ ଆସିଲେ, ସେ ତାଙ୍କ ଖାଇବା ପିଇବାର ବ୍ୟବସ୍ଥା କରିବେ ଓ ସ୍କୁଲ୍‌ରେ କଣ ସବୁ ପାଠ ପଢ଼ା ହେଲା ସେ ସବୁ ପଚାରି ବୁଝିବେ ଓ ସେହିଭଳି ବାକି ଯେଉଁ ତର୍‌ବିୟତି (ସଂସ୍କାରମୂଳକ) ବିଷୟ ରହିଛି ସେ ସମ୍ବନ୍ଧରେ ପିଲାମାନଙ୍କୁ ବତାଇବେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ସୁତରାଂ ଅହେମଦୀ ମାଆମାନଙ୍କୁ ଏବେ ଏ ଚେଷ୍ଟା କରିବା ଉଚିତ ହେବ ଯେ, ସେମାନେ ନିଜ ପିଲାମାନଙ୍କର ମନକୁ ବୁଝି ଏଠିକାର ପରିବେଶର ପ୍ରଭାବକୁ ଦେଖି ପିଲାମାନଙ୍କୁ ଭଲ ଓ ଖରାପ ମଧ୍ୟରେ ଥିବା ଫରଗକୁ ବତାଇ ତର୍‌ବିୟତ କରନ୍ତୁ । ଆଜି କାଲି ଏଠାରରେ ସ୍ୱାଧିନତା ନାମରେ ପିଲାମାନଙ୍କୁ ପିଲା ଦିନୁ ହିଁ ଏମିତି କଥା ବତାଇ ଯାଉଛି ଯେଉଁ କଥାର ସମ୍ବନ୍ଧ ପିଲାମାନଙ୍କ ସହିତ ହିଁ ନାହିଁ ଓ ସେ କଥା ପ୍ରାପ୍ତ ବୟସ୍କ ହେବା ପୂର୍ବରୁ ସେମାନଙ୍କ ମୁଣ୍ଡରେ ପଶି ହିଁ ପାରିବନାହିଁ । ଅର୍ଥାତ ସେ କଥା ସେ ବୁଝି ହିଁ ପାରିବ ନାହିଁ । କିନ୍ତୁ ଏଠାରେ ଜ୍ଞାନ ଆରୋହଣ କରିବା ନାଁ ରେ ଏ ସବୁ କଥା ପିଲାମାନଙ୍କୁ ବତାଇ ଦିଆଯାଉଛି । ଏତଦ୍‌ଦ୍ୱାରା ପିଲାମାନଙ୍କୁ ଏହି ଲୋକମାନେ ନୈତିକ ଅନ୍ଧକାର ଆଡ଼କୁ ଠେଲିଦେବାପାଇଁ ଚେଷ୍ଟା କରୁଛନ୍ତି ଫଳତଃ ଏହି ପିଲାମାନେ ଚାରିତ୍ରିକ ଓ ନୈତିକ ଅନ୍ଧକାର ମଧ୍ୟରେ ବୁଡ଼ିଯାଉଛନ୍ତି । ଏହିପରି ପାରିପାର୍ଶିକ ଅବସ୍ଥାରେ ମାଆମାନଙ୍କର ପୂର୍ବାପେକ୍ଷା ଅଧିକ ଏ ଦାୟିତ୍ୱ ଯେ, ସେମାନେ ନିଜ ଘରର ନିରୀକ୍ଷକ ହୋଇ ଏହି ସବୁ ଖରାପ ଓ ନିରର୍ଥକ କଥାକୁ ରଦ୍ଦ କରିବାପାଇଁ ପ୍ରଥମେ ନିଜେ ହିଁ ଜ୍ଞାନ ଆହୋରଣ କରନ୍ତୁ, ଓ ଯଦି ପିଲା ସ୍କୁଲ୍ ରୁ ଏକଥା ଶିଖି ଆସି ପଚାରେ

*ଅବଶିଷ୍ଟାଂଶ ପୃଷ୍ଠା- ୦୯ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan